## ସଂକ୍ଷେପରେ

### ଡ.ପ୍ରସନ୍ନ କୁମାର ସ୍ୱାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳସଚିବ

ବ୍ରହ୍ମପୁର ଅଫିସ,୨୯।୯: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳସଚିବ ଭାବେ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ଡ.ପ୍ରସନ୍ନ କୁମାର ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନେଇ ଗୁରୁବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡ.ସ୍ୱାଇଁ ୧୯୯୭ରୁ ଓଡ଼ିଆ ବିଭାଗ ପ୍ରଫେସର ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ୨୦୨୦ରୁ ସେ ଦକ୍ଷିଣ ଓଡ଼ିଶା ସାଂସ୍କୃତିକ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ଏବଂ ଦୁଇ ମାସ ପୂର୍ବେ ବିଶ୍ୱବିଦ୍ୟାଳୟ ସ୍ୱୟଂଚାଳିତ ସ୍ନାତକୋତ୍ତର ପାଠ୍ୟକ୍ରମ ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଠାରେ ଥିବା କୁଳ ସଚିବ ରାଜେନ୍ଦ୍ର କୁମାର ରଣଜିତ (ଓଏଏସ୍)ଙ୍କର ଗୁରୁବାର ଅନ୍ୟତ୍ର ବଦଳି ହୋଇଛି।

### ଜିଲାରେ ଡେଙ୍ଗୁ ସଂଖ୍ୟା ୯୦

ବ୍ରହ୍ମପୁର ଅଫିସ,୨୯।୯: ଗଞ୍ଜାମ ଜିଲାରେ ଡେଙ୍ଗୁ ଏବେ ଅଣାୟତ୍ତ ହୋଇଛି। ପ୍ରତିଦିନ ବିଭିନ୍ନ ବ୍ଲକ ଓ ବ୍ରହ୍ମପୁର ମହାନଗର ନିଗମରେ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ଏବେ ଆକ୍ରାନ୍ତଙ୍କ ସଂଖ୍ୟା ୯୦ରେ ପହଞ୍ଚି ଥିବା ସିଡିଏମ୍‌ଓ ଡା. ଉମାଶଙ୍କର ମିଶ୍ର ଏନେଇ ସୂଚନା ଦେଇଛନ୍ତି। ଗତ ଦୁଇଦିନ ମଧ୍ୟରେ ୨୨ ଜଣ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତମାନେ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି।

### ବାପାଙ୍କ ମୃତ୍ୟୁ ଦେଖି ଝିଅର ଜୀବନ ଗଲା

ବ୍ରହ୍ମପୁର ଅଫିସ,୨୯।୯: ବାପାଙ୍କ ମୃତ୍ୟୁରେ ଭାଙ୍ଗି ପଡ଼ି ଶେଷରେ ଝିଅର ଜୀବନ ଯାଇଛି। ବ୍ରହ୍ମପୁର ସହରରେ ଏଭଳି ଏକ ଦୁଃଖଦ ଘଟଣା ଗୁରୁବାର ଦେଖିବାକୁ ମିଳିଛି। ସୂଚନା ଅନୁସାରେ ପ୍ରେମନଗର ପଞ୍ଚୁଦେଉଳ ସାହିର ଭିକାରୀ ମାଦଳା(୮୨)ଙ୍କ ଝିଅ ମମିତା କୁମାରୀ ପଣ୍ଡା(୪୬) ଇଞ୍ଜିନିୟରିଂ ସ୍କୁଲ ପଣ୍ଡା କଲୋନୀରେ ରହୁଛନ୍ତି। ଗତ ୨୭ତାରିଖ ସନ୍ଧ୍ୟାରେ ସ୍ୱାସ୍ଥ୍ୟ ଗତ ସମସ୍ୟାରୁ ତାଙ୍କ ବାପା ଭିକାରୀଙ୍କର ମୃତ୍ୟୁ ଘଟିଥିଲା। ବାପାଙ୍କ ବିୟୋଗ ଖବର ପାଇ ଝିଅ ମମିତା ପଞ୍ଚୁଦେଉଳ ସାହରେ ପହଞ୍ଚିଥିଲେ। ବାପାଙ୍କୁ ମୃତ୍ୟୁ ଶଯ୍ୟାରେ ଦେଖି ମମିତା ନିଜକୁ ସମ୍ଭାଳି ପାରି ନ ଥିଲେ। କାନ୍ଦିକାନ୍ଦି ହଠାତ୍ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ି ଯାଇଥିଲେ। ପରିବାରବର୍ଗ ତୁରନ୍ତ ତାଙ୍କୁ ଏମ୍‌କେସିଜିକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ମମିତାଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରସ୍ତାବରେ ଅଟକିଛି ବ୍ରହ୍ମପୁର ଟ୍ରକ୍ ଟର୍ମିନାଲ

- ଏନ୍‌ଏଚ୍‌ରେ ବଢ଼ୁଛି ଦୁର୍ଘଟଣା
- ଜମି ଟ୍ରାନ୍ସଫରରେ ବିଳମ୍ବ

ଛତ୍ରପୁର,୨୯।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ବ୍ରହ୍ମପୁର ଉପକଣ୍ଠରେ ଟ୍ରକ୍ ଟର୍ମିନାଲ ପ୍ରତିଷ୍ଠା ପାଇଁ ବହୁ ପୂର୍ବରୁ ଯୋଜନା ହୋଇଥିଲା। ଏଥିପାଇଁ ଚିହ୍ନଟ ଜମି ବାଣିଜ୍ୟ ଓ ପରିବହନ ବିଭାଗ ନାଁରେ କରାଯିବାରେ ବିଳମ୍ବ ହୋଇଛି। ଏହାର ପ୍ରତିଷ୍ଠା ଏକପ୍ରକାର ପ୍ରସ୍ତାବରେ ଅଟକିଛି। ବିଶେଷକରି ବ୍ରହ୍ମପୁର ସହରକୁ ଦୈନିକ ଶତାଧିକ ଟ୍ରକ୍ ବିଭିନ୍ନ ମାଲ ନେଇ ପ୍ରବେଶ କରିଥାନ୍ତି । ଏଥିସହ ବ୍ରହ୍ମପୁର ଉପକଣ୍ଠ ଜଗନ୍ନାଥପୁରରେ ଥିବା ଏଫ୍‌ସିଆଇ(ଭାରତ ଖାଦ୍ୟ ନିଗମ)ଗୋଦାମକୁ ମଧ୍ୟ ଶତାଧିକ ଟ୍ରକ୍ ଆସି ମାଲ ଲୋଡିଂ ଓ ଅନ୍‌ଲୋଡିଂ କରିଥାନ୍ତି । ସେହିପରି ଜଗନ୍ନାଥପୁର ରେଲୱେ ଷ୍ଟେଶନରେ ମଧ୍ୟ ସାର, ଗହମ ଆଦିର ରେକ୍ ମଧ୍ୟ ଲାଗିଥାଏ । ଏଠାରୁ ଟ୍ରକ୍ ଯୋଗେ ମାଲ ପରିବହନ କରି ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳକୁ ପଠାଯାଇଥାଏ। ଏଥିଲାଗି ବ୍ରହ୍ମପୁର ସହର ଓ ତା'ର ଚତୁଃପାର୍ଶ୍ୱରେ ଦୈନିକ ଟ୍ରାଫିକ୍ ଜାମ୍ ସାଧାରଣ କଥା ହେଲାଣି । ବ୍ରହ୍ମପୁର ସହର, ଜଗନ୍ନାଥପୁର ଏଫ୍‌ସିଆଇ ଗୋଦାମ ଓ ରେଲୱେ ଷ୍ଟେଶନକୁ ଦୈନିକ ଯିବା ଆସିବା କରୁଥିବା ଶତାଧିକ ଟ୍ରକ୍ ଏନଏଚ୍-୧୬ ଦେଇ ଆସିଥାନ୍ତି। ଫଳରେ ଦୈନିକ ବହୁ ଟ୍ରକ୍ ଏନଏଚ୍ ଉପରେ ଅଟକି ରହୁଥିବା ଦେଖିବାକୁ ମିଳିଥାଏ । ଏଥିଲାଗି ଏନଏଚ୍‌ରେ ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଉଛି । ଏନଏଚ୍ ଓ ବ୍ରହ୍ମପୁର ସହରରେ ଏପରି ଟ୍ରକ୍ କିଭଳି ନ ରହିବ ସେନେଇ ବ୍ରହ୍ମପୁର ସହର ବାହାରେ ତଥା ଉପକଣ୍ଠରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏକ ଟ୍ରକ୍ ଟର୍ମିନାଲ ପ୍ରତିଷ୍ଠା ପାଇଁ ପରିକଳ୍ପନା କରାଯାଇଥିଲା। ରାଜ୍ୟ ସରକାର ଏହାକୁ ମଞ୍ଜୁର ଦେଇଥିଲେ । ଏହାପରେ ଉକ୍ତ ଟ୍ରକ୍ ଟର୍ମିନାଲ ପ୍ରତିଷ୍ଠା ପାଇଁ ଜମି ଖୋଜା ଯାଇଥିଲା । ଜିଲାର ଚିକିଟି ତହସିଲ ଅଧୀନ ଗିରିସୋଲା ମୌଜାରେ ୧୪.୬୬୧ ଏକର ଜମିରେ ଏହା ପ୍ରତିଷ୍ଠା ପାଇଁ ଚିହ୍ନଟ ହୋଇଥିଲା। ଏଥିପାଇଁ ନିୟମ ଅନୁଯାୟୀ ଉକ୍ତ ସାଇଟ ସମ୍ପର୍କରେ ଚିକିଟି ତହସିଲଦାରଙ୍କୁ ଏପ୍ରିଲ ୩୦ରେ ଚିଠି (ନମ୍ବର ୨୮୨୪) ପରିବହନ ବିଭାଗ ପକ୍ଷରୁ ପଠାଯାଇଥିଲା । ତେବେ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା । ପରେ ପୁଣି ଏ ସମ୍ପର୍କରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ମେ' ୧୧ରେ ଏକ ଚିଠି (ନଂ-୨୨୬୧) ପରିବହନ ବିଭାଗ ପକ୍ଷରୁ ପଠାଯାଇଥିଲା । ଏହା ଉପରେ ଚିକିଟି ତହସିଲଦାରଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ବ୍ରହ୍ମପୁର ଉପଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା । ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲ ପାଇଁ ଚିହ୍ନଟ ଉକ୍ତ ଜମି ଅର୍ଥ ବିଭାଗ ଅଧୀନରେ ରହିଛି । ଏଣୁ ଉକ୍ତ ଜମିକୁ ଭୁବନେଶ୍ୱରସ୍ଥିତ ରାଜ୍ୟ ବାଣିଜ୍ୟ ପରିବହନ ବିଭାଗ ନାଁରେ କରିବାକୁ ରାଜ୍ୟ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଗଞ୍ଜାମ ଜିଲାପାଳଙ୍କ ପକ୍ଷରୁ ପ୍ରସ୍ତାବ ପଠାଯାଇଥିଲା । ତେବେ ଏହି ପ୍ରକ୍ରିୟା ବିଳମ୍ବ ହୋଇଥିବା ଜଣାପଡିଛି ।

## ପାଠିକା/ପାଠକଙ୍କ ନିମନ୍ତେ ସୂଚନା

ଧରିତ୍ରୀ ସେଲ୍ଫି ସ୍ତମ୍ଭ ପ୍ରକାଶ ପାଉଛି। ଏଥିପାଇଁ ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ bmpselfie @gmail.com ମେଲ୍ ଆଇଡିରେ ପଠାନ୍ତୁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ। ଫଟୋ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲିବେ ନାହିଁ।

# ଟେକ୍ନିକାଲ କର୍ମଚାରୀ ସଂଘର ଡିଭିଜନସ୍ତରୀୟ ସଭା

ବ୍ରହ୍ମପୁର ଅଫିସ,୨୯।୯

ଟେକ୍ନିକାଲ କର୍ମଚାରୀ ସଂଘ ପକ୍ଷରୁ ଡୁଡୁମା କଲୋନୀଠାରେ ଡିଭିଜନସ୍ତରୀୟ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ଠିକା କର୍ମଚାରୀଙ୍କୁ ବୋନସ, ଇପିଏଫ ରସିଦ, ଦରମା ପ୍ରମାଣପତ୍ର, ନିରାପତ୍ତା ସାମଗ୍ରୀ, ସମାନ କାର୍ଯ୍ୟକୁ ସମାନ ଦରମା, ସର୍ବନିମ୍ନ ଦରମା ୧୮ହଜାର ଟଙ୍କା, ଚାକିରୀ ସର୍ତ୍ତାବଳୀ, ତେଲ ବାବଦ ଅର୍ଥ ବୃଦ୍ଧି, ବକେୟା ଆଦାୟ କରିଥିବା ଠିକା କର୍ମଚାରୀଙ୍କୁ ଖାଦ୍ୟ ପାନୀୟ ବାବଦକୁ ଅର୍ଥ, ଠିକା କର୍ମଚାରୀଙ୍କ ଲାଇସେନ୍ସ ବାବଦ ଖର୍ଚ୍ଚ କମ୍ପାନୀଙ୍କ ଦ୍ୱାରା ବହନ କରାଯିବା ନେଇ ଆଲୋଚନା ହୋଇଥିଲା। ସଂଘ ସାଧାରଣ ସମ୍ପାଦକ ବି.ବି.ମହାନ୍ତି ଠିକା କର୍ମଚାରୀଙ୍କ ସମସ୍ୟା ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଟିପିଏସ୍‌ଓଡିଏଲ ଅଧିକାରୀଙ୍କ ସହ ଆଲୋଚନା କରାଯିବା ନେଇ ମଧ୍ୟ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ଡିଭିଜନ ସଂପାଦକ ପ୍ରଭାତ ନାୟକଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ



ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଅବସରରେ ମଞ୍ଚାସୀନ ଅତିଥି, କୁଳପତି ଓ ଅନ୍ୟମାନେ ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

- ବାଣିଜ୍ୟ ବିଭାଗ ଅଧ୍ୟାପକଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୨୯।୯

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପକ୍ଷରୁ ବିଭାଗୀୟ ବୈଠକ ଗୃହରେ ଚାଲିଥିବା ଦୁଇ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଛି। କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ସଂଯୋଜକ ଡ଼. ମହେଶ୍ୱର ସେଠୀ ସମ୍ମିଳନୀ ପରିଚାଳନା କରିଥିଲେ। ଅତିଥି ଭାବେ ଫ୍ଲାୱାର ଫ୍ରାଗନାନ୍ସ ଡ଼େଭଲପମେଣ୍ଟ କର୍ପୋରେଶନ ଅଫ ଇଣ୍ଡିଆ ବୈଜ୍ଞାନିକ ରାମାରାଓ ଭିଭି ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଅତିଥି ବୈଜ୍ଞାନିକ ଭିଭି ବର୍ତ୍ତମାନ ସମାଜରେ ନିଯୁକ୍ତି ପଛରେ ନ ଦୌଡ଼ି ଯୁବ ସମାଜ ଛୋଟ ଛୋଟ ପ୍ରଚେଷ୍ଟା ଓ ନୂତନ ଆବିଷ୍କାର ଉଦ୍ଭାବନ ସାହାଯ୍ୟରେ କିପରି ସ୍ୱାବଲମ୍ବୀ ଓ ଆତ୍ମନିର୍ଭର ହୋଇ ପାରିବେ ସେ ସମ୍ପର୍କରେ ଉଦାହରଣ ସହ ବୁଝାଇଥିଲେ। ଏବଂ ଭାରତ ଆତ୍ମନିର୍ଭର ପାଇଁ ଭାରତ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ଏହି ଦୁଇ ଦିନିଆ ସମ୍ମିଳନୀରେ ୧୦୦ରୁ ଊର୍ଦ୍ଧ୍ୱ ଗବେଷକ ଯୋଗ ଦେଇଥିଲେ। ସେହିପରି ପୂର୍ବତନ ପ୍ରଫେସର ଡ଼.ଜଗନ୍ନାଥ ପଣ୍ଡା, ପ୍ରଫେସର କିଶୋର ଚନ୍ଦ୍ର ମିଶ୍ର, ପ୍ରଫେସର ରୁଦ୍ର ପ୍ରସନ୍ନ ମହାପାତ୍ର, ଡ଼.ଗୋପାଳ କୃଷ୍ଣ ପାଣିଗ୍ରାହୀ, ପ୍ରଫେସର ମହେଶ୍ୱର ସାହୁ ଓ ଆଲୁମିନି ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପୂର୍ବତନ ଛାତ୍ର ତଥା ଆଇଆଇଏମ ଇନ୍ଦୋରର ଡ଼.ସୌମ୍ୟ ରଞ୍ଜନ ଦାସ ଭର୍ଚୁଆଲରେ ଯୋଡ଼ି ହୋଇଥିଲେ। ଶେଷରେ ବାଣିଜ୍ୟ ବିଭାଗ ପ୍ରଫେସର ଗୌରୀ ଶଙ୍କର ଲାଲଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ମିଳନୀରେ ବାଣିଜ୍ୟ, ଅର୍ଥନୀତି, ମ୍ୟାନେଜମେଣ୍ଟ, ଏମ୍‌ବିଏ ବିଭାଗର ବହୁ ଛାତ୍ରୀଛାତ୍ର ଓ ଗବେଷକ ଯୋଗ ଦେଇଥିଲେ। ବାଣିଜ୍ୟ ବିଭାଗ ପ୍ରଫେସର ଡ଼.ଭେଙ୍କେଟେଶ୍ୱର ରାଓ, ଶକ୍ତି ରଞ୍ଜନ ଦାଶ, ଚନ୍ଦ୍ରିକା ପ୍ରସାଦ ଦାଶ ଓ ଲିପ୍ସା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଇପିଏଫ୍ ପେନ୍‌ସନଧାରୀ ସଂଘର ଆର୍‌ଡିସିଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ,୨୯।୯

ଗଞ୍ଜାମ ଜିଲା ଇପିଏଫ୍ ପେନ୍‌ସନଧାରୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଦାବିଗୁଡିକ ମଧ୍ୟରେ ସର୍ବନିମ୍ନ ମାସିକ ପେନସନ ୯ ହଜାର ଟଙ୍କା, ଅତିରିକ୍ତ ମହଙ୍ଗା ଭତ୍ତା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ନେଇ ଦାବି କରାଯାଇଛି। ଏଥିରେ ସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଶତପଥୀ, ସିଆଇଟିୟୁର ଶ୍ରମିକ ନେତା ଯୁଧିଷ୍ଠିର ବେହେରା, ପ୍ରତାପ ଚୌଧୁରୀ, ରାୟଗଡା ଜିଲା ସଂଘ ସାଧାରଣ ସମ୍ପାଦକ ଜଗଦୀଶ ଦୁଳ ଓ ଅନନ୍ତ ନାରାୟଣ ପଣ୍ଡାଙ୍କ ସମେତ ସୀମାଞ୍ଚଳ ନାୟକ, ସୀମାଞ୍ଚଳ ମହାନ୍ତି, ଗତପତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଯୁବକ ମୃତ

ବ୍ରହ୍ମପୁର ଅଫିସ,୨୯।୯

ସର୍ପ ଦଂଶନରେ ଗୁରୁତର ହୋଇଥିବା ଜଣେ ଯୁବକଙ୍କର ଏମକେସିଜି ମେଡିକାଲରେ ଗୁରୁବାର ମୃତ୍ୟୁ ଘଟିଛି। ମୃତକ କୁକୁଡ଼ାଖଣ୍ଡିରେ ଫଳ ବ୍ୟବସାୟ କରୁଥିବା କାମରାଜୁ ନାୟକ(୩୦)। ସଦର ଥାନା ପୋଲିସ ମୃତଦେହ ଜବତ କରି ନଂ.୫୮/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବୁଧବାର ରାତିରେ କାମରାଜୁ ଶୋଇଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଥିଲା।

# ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ଦାବି

ବ୍ରହ୍ମପୁର ଅଫିସ,୨୯।୯

କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଯୋଗିଆପଲୀଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ଦାବିରେ ଉକ୍ତ ଗ୍ରାମର ପ୍ରିୟ ରଞ୍ଜନ ସାହୁ ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରିୟ ରଞ୍ଜନଙ୍କ ଅଭିଯୋଗ ମୁତାବକ, ଯୋଗିଆପଲୀଠାରେ ଦୀର୍ଘ ଦିନ ଧରି ଟ୍ରାନ୍ସଫର୍ମରଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଉକ୍ତ ରାସ୍ତାଦେଇ ଛାତ୍ରୀଛାତ୍ରମାନେ ଯାତାୟାତ ସମୟରେ ଦୁର୍ଘଟଣାର ଆଶଙ୍କା ରହିଛି। ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ନେଇ ସ୍ଥାନୀୟ ଏସ୍‌ଡିଓଙ୍କୁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସେ ଅଭିଯୋଗ କରିଛନ୍ତି। ଏଣୁ ଏଥିରେ ପ୍ରଶାସନ ହସ୍ତକ୍ଷେପ କରି ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ପାଇଁ ସେ ଦାବି କରିଛନ୍ତି। ଏ ନେଇ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନ ପାଚେରି ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।


ବିପଦ ସଙ୍କୁଳ ଟ୍ରାନ୍ସଫର୍ମର।

# ବର୍ଷାଋତୁ ଆସିଲେ ସାପ କାମୁଡ଼ା ଭୟ

- ଏମ୍‌କେସିଜିକୁ ବର୍ଷକୁ ଆସୁଛନ୍ତି ଶତାଧିକ ରୋଗୀ
- ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବରରେ ସର୍ବାଧିକ

ବ୍ରହ୍ମପୁର ଅଫିସ,୨୯।୯

ବର୍ଷାଦିନ ଆସିଲେ ପାଣି ଜମି ନାନା ସମସ୍ୟା ସୃଷ୍ଟି ହୋଇଥାଏ। ଏଭଳି ସ୍ଥିତିରେ ସାପ କାମୁଡ଼ିବା ଭୟ ଅଧିକ ଥାଏ। ବର୍ଷା ହେଲେ ସାପ ଘରେ ପଶି ଯାଉଥିବା ବେଳେ ଚାଷ ଜମିରେ ମଧ୍ୟ ରହିଥାନ୍ତି। ବିଭିନ୍ନ ସମୟରେ ସାପ କାମୁଡ଼ାରେ ଲୋକେ ଗୁରୁତର ହୋଇଥାନ୍ତି। ବ୍ରହ୍ମପୁର ବଡ ମେଡିକାଲକୁ ଦକ୍ଷିଣ ଓଡ଼ିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳରୁ ବର୍ଷକୁ ଏଭଳି ୩ଶହରୁ ୪ଶହ ରୋଗୀ ଆସିଥାନ୍ତି। ବିଶେଷ କରି ଜୁଲାଇ, ଅଗଷ୍ଟ ଓ ସେପ୍ଟମ୍ବରରେ ଅଧିକ ସାପ କାମୁଡ଼ା ରୋଗୀ ଆସୁଥିବା ଜଣାପଡ଼ିଛି। ସଡ଼କ ଦୁର୍ଘଟଣା, ନିଆଁରେ ପୋଡ଼ି ଓ ବିଷପାନ ସହିତ ବିଭିନ୍ନ ଘଟଣାରେ ଗୁରୁତରଙ୍କୁ ଅଧିକ ଚିକିତ୍ସା ପାଇଁ ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥାଏ। ୩ଶହରୁ ୪ଶହ ସାପ କାମୁଡ଼ା ରୋଗୀଙ୍କ ମଧ୍ୟରୁ ପ୍ରତି ବର୍ଷ ପ୍ରାୟ ୪୦/୫୦ଜଣଙ୍କର ମୃତ୍ୟୁ ଘଟୁଥିବା ସୂଚନା ମିଳିଛି।

ସାପ କାମୁଡ଼ିଲେ ବିଷ ନଷ୍ଟ କରିବା ପାଇଁ ଆଣ୍ଟି ସ୍ନେକ୍ ଭେନମ୍(ଏଏସ୍‌ଭି) ଇଞ୍ଜେକ୍ସନ୍ ଦିଆଯାଇଥାଏ। ବର୍ତ୍ତମାନ ଏମ୍‌କେସିଜିରେ ୨ହଜାରରୁ ଅଧିକ ଏଏସ୍‌ଭି ଇଞ୍ଜେକ୍ସନ୍ ମହଜୁଦ ଥିବା ଉପ-ଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତ। ପ୍ରତିବର୍ଷ ବର୍ଷା ପୂର୍ବରୁ ଡାକ୍ତରଖାନାରେ ଆବଶ୍ୟକ ପରିମାଣ ଇଞ୍ଜେକ୍ସନ୍ ମହଜୁଦ ରଖାଯାଇଥାଏ।

## ରକ୍ତଦାନ ଶିବିର

ବ୍ରହ୍ମପୁର ଅଫିସ,୨୯।୯

ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ୍ ସିଂଙ୍କ ଜନ୍ମତିଥି ଅବସରରେ ଆମ୍ ଆଦମୀ ପାର୍ଟି ଗଞ୍ଜାମ ଜିଲା କମିଟି ପକ୍ଷରୁ ବ୍ରହ୍ମପୁର ରକ୍ତଭଣ୍ଡାରରେ ଦଳ ଜିଲା ଆବାହକ ସୁବାସ ରାଉତଙ୍କ ପରିଚାଳନାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଦଳ ଉପସଭାପତି ସୁଧୀର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଦଳର ଅନେକ ବରିଷ୍ଠ କର୍ମୀ, ସହରର ବୁଦ୍ଧିଜୀବୀ ଏବଂ ସାମାଜିକ ଅନୁଷ୍ଠାନର ସଦସ୍ୟ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ୧୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ହର ପ୍ରସାଦ, ନାରୀ ନେତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ, ସି. ପ୍ରିୟଙ୍କା, ଶ୍ରୀତମ୍ ଦଳାଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଋତୁକାଳୀନ ପରିମଳ, ମାନସିକ ସ୍ୱାସ୍ଥ୍ୟ କର୍ମଶାଳା

ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୨୯।୯

ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ଗୁରୁବାର ଆଇକ୍ୟୁଏସି ସେଲ୍ ପକ୍ଷରୁ ଋତୁକାଳୀନ ପରିମଳ ଓ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ କର୍ମଶାଳା ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ପ୍ରଫେସର କାହ୍ନୁ ଚରଣ ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଦିଲ୍ଲୀ ମୁକ୍ତି ମିଶନ ପ୍ରତିଷ୍ଠାତା ରଶ୍ମି ସାହା ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଗୋପାଳପୁର ସାମରିକ ଦନ୍ତ ଚିକିତ୍ସାଳୟର ଡ.ନିଳାଭ ଚୌଧୁରୀ ଉପସ୍ଥିତ ଥିଲେ। କର୍ମଶାଳାରେ ମହାବିଦ୍ୟାଳୟର ଯୁକ୍ତ ୩ ଶିକ୍ଷାବର୍ଷର ସମସ୍ତ ବିଭାଗର ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଉପସ୍ଥିତ ଥିଲେ। ଏଥିରେ ମୁଖ୍ୟ ଅତିଥି ଶାହା ଛାତ୍ରୀଙ୍କୁ ମହିଳାଙ୍କ ଋତୁଚକ୍ର ସମୟରେ ଆବଶ୍ୟକ ପରିମଳ ସମ୍ପର୍କରେ ବୁଝାଇବା ସହ ଋତୁଚକ୍ରକୁ ନେଇ ଥିବା ଅନ୍ଧବିଶ୍ୱାସ ଓ ସନ୍ଦେହ ଦୂର କରିଥିଲେ। ସେହିପରି ସମ୍ମାନିତ ଅତିଥି ଡ.ଚୌଧୁରୀ ଏହି ସମୟରେ ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିବାର କାରଣ ଓ ଏହାକୁ ନିୟନ୍ତ୍ରଣ କିପରି କରାଯାଇ ପାରିବ ସେ ସମ୍ପର୍କରେ କହିଥିଲେ। ଏଥିରେ ଆଇକ୍ୟୁଏସି ସେଲ୍ ସଂଯୋଜକ ଡ. ଭରତ ପର୍ବ ଦାସଙ୍କ ସମେତ ଡ.ଚିତ୍ତରଞ୍ଜନ ଶତପଥୀ, ଡ.ରବୀନ୍ଦ୍ର କୁମାର ପ୍ରଧାନ, ବିଶ୍ୱଜିତ ଜେନା ଓ ଶାଳଗ୍ରାମ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଅତିଥି ।

# ଲତା ମଙ୍ଗେସ୍‌କରଙ୍କ ସ୍ମୃତିଚାରଣ ସଭା

ବ୍ରହ୍ମପୁର ଅଫିସ,୨୯।୯

ବହୁମୁଖୀ ସମାଜ ମଙ୍ଗଳ ଓ ସାଂସ୍କୃତିକ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଉତ୍କଳ ଆଶ୍ରମ ରୋଡଠାରେ ଲତା ମଙ୍ଗେସ୍‌କରଙ୍କ ସ୍ମୃତିଚାରଣ ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା.ଶଙ୍କର୍ଷଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ଲତା ମଙ୍ଗେସ୍‌କରଙ୍କ ଜୀବନ ସଂଗ୍ରାମ, ବହୁମୁଖୀ ପ୍ରତିଭା, ଦେଶ ପ୍ରେମ ଓ ସର୍ବୋପରି ଅତୁଳନୀୟ ସଂଗୀତ ପରିବେଷଣ ଓ ଲାଳିତ୍ୟ କଣ୍ଠ ସ୍ୱରର ଅପୂର୍ବ ସମନ୍ୱୟ ସମ୍ପର୍କରେ ଡାକ୍ତର ପାତ୍ର କହିଥିଲେ। ଅନ୍ୟତମ ଅତିଥି ଲାଲ ବାହାଦୁର ପଟ୍ଟନାୟକ ଓ ମହେନ୍ଦ୍ର କୁମାର ସାହୁ ଲତାଜୀଙ୍କ ଗୁଣଗାନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଶିଷ୍ଟ ସଂଗୀତଜ୍ଞ ଇସ୍ମାଇଲ ଲତାଜୀଙ୍କ କାଳଜୟୀ ଗୀତ ଗାନ କରିଥିଲେ। ବହୁମୁଖୀ ସମାଜ ସମ୍ପାଦକ ମହମ୍ମଦ ଆସ୍‌ଲାମ ଲତାଜୀଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁମୁଖୀ ଓ ସାଂସ୍କୃତିକ କେନ୍ଦ୍ରର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ସ୍ମୃତିଚାରଣ ସଭାରେ ଲତାଙ୍କ ସଙ୍ଗୀତ ଗାନ।

# ମାସେ ମଧ୍ୟରେ କାର୍ଯ୍ୟକାରୀ ପାଇଁ ପୌର ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ

## ସହର ତଳି ଅଞ୍ଚଳ ବିଏମ୍‌ସିରେ ସାମିଲ ପ୍ରସଙ୍ଗ

ବ୍ରହ୍ମପୁର ଅଫିସ,୨୯।୯

ବ୍ରହ୍ମପୁର ସହର ଉପକଣ୍ଠ ଲୋଚାପଡା ପଞ୍ଚାୟତ ଓ ୩ ଗ୍ରାମକୁ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ରେ ସାମିଲ ନେଇ ହାଇକୋର୍ଟ ଅଦାଲତ ଅବମାନନା ମାମଲାର ବିଚାର କରି ମାସେ ମଧ୍ୟରେ ଆଦେଶ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି, ସହର ସନିକଟ ଅଞ୍ଚଳ ଓ ବିଏମ୍‌ସି ପାର୍ଶ୍ୱବର୍ତ୍ତୀ ୧୮ ପଞ୍ଚାୟତକୁ ବିଏମ୍‌ସିରେ ସାମିଲ ନେଇ ରାଜ୍ୟ ସରକାର ବୈଧାନିକ ନିଷ୍ପତ୍ତି ନେବାରେ ବିଫଳ ହେବାରୁ କମିଟି ପକ୍ଷରୁ ୨୦୨୧ ଡିସେମ୍ବର ୧୨ରେ ହାଇକୋର୍ଟରେ ରିଟ ପିଟିଶନ ଦାଖଲ କରାଯାଇଥିଲା। ଏହି ମାମଲାର ବିଚାର କରି ହାଇକୋର୍ଟ ଜାନୁୟାରୀ ୧ରେ ରାଜ୍ୟ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ଉପରୋକ୍ତ ପଞ୍ଚାୟତ ଓ ୩ ଗ୍ରାମକୁ ମହାନଗରରେ ସାମିଲ ନେଇ ୩ ମାସ ମଧ୍ୟରେ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୌର ନିର୍ଦ୍ଦେଶକ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ କମିଟି ପକ୍ଷରୁ ଅଗଷ୍ଟ ୮ରେ ହାଇକୋର୍ଟରେ ଅଦାଲତ ଅବମାନନା ରୁଜୁ କରାଯାଇଥିଲା। ଯାହାର ଶୁଣାଣି ଗତ ୨୬ ତାରିଖରେ ବିଚାରପତି ବିଶ୍ୱନାଥ ରଥ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ୧ ମାସ ମଧ୍ୟରେ ପୂର୍ବ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି, ରାଜ୍ୟ ସରକାର ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ସହର ତଳି ଅଞ୍ଚଳ ମିଶ୍ରଣ ନେଇ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।


IN THE HIGH COURT OF ORISSA AT CUTTACK
CONTC NO.5139 OF 2022

Sanjeeb Kumar Patnaik & ors. .... Petitioners
Mrs.B.Mohanty, Advocate

-versus-

Sangramjeet Nayak .... Opposite Party
Mr.S.Mishra, Advocate

CORAM:
JUSTICE BISWANATH RATH

ORDER
26.9.2022

Order No.01

1. This Contempt Petition involves non-compliance of this Court's order dated 11.1.2022 passed in W.P.(C) No.41441/2021.
2. Considering the submission made and as this court finds, no purpose will be served in issuing notice in such matter, the Contempt Petition stands disposed of with direction to the O.P(s). to work out the direction of this Court dated 11.1.2022 passed in W.P.(C) No.41441/2021, if not worked out in the meantime, within a period of one month from the date of service of copy of this order by the Petitioner, provided there is no legal impediment otherwise. It is made clear that in the event the order of this Court is not worked out within the time stipulated herein above, it will be construed to be deliberate violation of this Court's order.

Sd- B. Rath, J

ହାଇକୋର୍ଟଙ୍କ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ପତ୍ର।

## ରୋଗୀ ଚିକିତ୍ସାକୁ ନେଇ ଉତ୍ତେଜନା

ବ୍ରହ୍ମପୁର ଅଫିସ: ଏମ୍‌କେସିଜି ମେଡିକାଲ କଲେଜ ଆଶୁ ଚିକିତ୍ସା ବିଭାଗରେ ଗୁରୁବାର ରାତି ପ୍ରାୟ ୧୦ଟାରେ ରୋଗୀ ଦେଖାକୁ ନେଇ ଜଣେ କନିଷ୍ଠ ଡାକ୍ତର ଏବଂ ନର୍ସଙ୍କ ମଧ୍ୟରେ ବଚସା ହୋଇଛି। ଜଣେ ରୋଗୀଙ୍କ ଚିକିତ୍ସା ପାଇଁ ସମ୍ପୃକ୍ତ ଜୁନିୟର୍ ଡାକ୍ତରଙ୍କ ପରାମର୍ଶକୁ ନର୍ସ ଅଣଦେଖା କରିଥିବାରୁ ବିବାଦ ସୃଷ୍ଟି ହୋଇଥିଲା। ଫାଣ୍ଡି ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଏନେଇ କନିଷ୍ଠ ଡାକ୍ତରମାନେ ମେଡିକାଲ ଅଧୀକ୍ଷକଙ୍କୁ ଅଭିଯୋଗ କରିଥିବା ଜଣାପଡିଛି।



**ସଂକ୍ଷେପରେ**

### ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

ଜି.ଉଦୟଗିରି,୨୯।୯(ଡି.ଏନ.ଏ.)- ଜି.ଉଦୟଗିରି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ଆନ୍ତର୍ଜାତୀୟ ମିଳିତ ସହଯୋଗ ପ୍ରକଳ୍ପ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କୀୟ ଜିଲାସ୍ତରୀୟ କୃଷି କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଡ.ହେମନ୍ତ କୁମାର ସାହୁ ଯୋଗ ଦେଇ ପ୍ରାକୃତିକ ବିପର୍ଯ୍ୟୟ, କୃଷି କୌଶଳ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ.ନାରାୟଣ ବାର, କୃଷି ବୈଜ୍ଞାନିକ ସୁଜିତ କୁମାର ମୁଖୀ, ଜି.ଉଦୟଗିରୀ ଓ ବାଲିଗୁଡାର କୃଷି ଅଧିକାରୀ ଏବଂ ଫୁଲବାଣୀ ଓ ଭଞ୍ଜନଗରର କୃଷି ବୈଜ୍ଞାନିକମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଅଧୀନରେ ଥିବା ଅଗ୍ରଣୀ ଚାଷୀମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ କୃଷି ଉଦ୍ୟାନ ବୈଜ୍ଞାନିକ ଡ.ସିଦ୍ଧାର୍ଥ କର, ସୁମିତ୍ରା ହେମ୍ରମ ଗୃହ ବିଜ୍ଞାନୀ କରିଥିଲେ।

### ପାତ୍ରପୁରରେ ଡେଙ୍ଗୁ ସଚେତନତା

ପାତ୍ରପୁର ୨୯।୯(ଡି.ଏନ.ଏ)-ଗତ ମଙ୍ଗଳବାର ପାତ୍ରପୁର ହେଡକ୍ୱାଟରରେ ୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଡେଙ୍ଗୁ ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ବୁଧବାର ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଏକ ସଚେତନତା ରାଲି ପାତ୍ରପୁର ହେଡକ୍ୱାଟର୍ସରେ ଅନୁଷ୍ଠିତ ହୋଇଯାଇଛି। ଏହି ରାଲିକୁ ପାତ୍ରପୁର ବିଡିଓ ପ୍ରକାଶ କୁମାର ଦାସ ଉଦ୍‌ଘାଟନ କରିବା ପରେ ବ୍ଲକରୁ ରାଲି ବାହାରି ଉପର ବସଷ୍ଟାଣ୍ଡ ଦେଇ ତଳ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଗସ୍ତ କରି ଲୋକଙ୍କୁ ସଚେତନ କରିଥିଲେ। ଡାକବାଜି ଯନ୍ତ୍ର ମାଧ୍ୟମରେ ଡେଙ୍ଗୁର କାରଣ, ଲକ୍ଷଣ ଓ ନିରାକରଣ ନେଇ ଲୋକଙ୍କୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ପାତ୍ରପୁର ଏବିଡିଓ ମଧୁସୂଦନ ମହାରଣା, ସିଡିପିଓ ସରୋଜବାଳା ଆଚାର୍ଯ୍ୟ, ମ୍ୟାଲେରିଆ ସୁପରଭାଇଜର ଦୀପକ ମହାପାତ୍ର, ହରିଶ୍ଚନ୍ଦ୍ର ବେହେରା, ସଂତୋଷି ପ୍ରଧାନ ପ୍ରମୁଖଙ୍କ ସହ ଓଡିଶା ଜୀବକ ମିଶନ, ମିଶନ ଶକ୍ତି, ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା

ପାତ୍ରପୁର,୨୯।୯(ଡି.ଏନ୍.ଏ)- ପାତ୍ରପୁର ବ୍ଲକସ୍ତରୀୟ ଫୁଟବଲ ପ୍ରତିଯୋଗିତା ଗୁରୁବାର ସାମନ୍ତିଆପଲ୍ଲୀସ୍ଥିତ ମହନ୍ତ ପରାଙ୍କୁଶ ବିଦ୍ୟାପୀଠ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରକାଶ କୁମାର ଦାସ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ପାଢୀ ସଭାରେ ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଏନ. ତ୍ରିପତି ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଏ. ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷକ ଅରୁଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୮୦ରୁ ଉର୍ଦ୍ଧ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । ୧୪ ଜଣ ଛାତ୍ର ୧୨ ଜଣ ଛାତ୍ରୀ ଜୋନାଲ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି।

### ଗଞ୍ଜାମ ଜିଲା କଂଗ୍ରେସର ଶ୍ରଦ୍ଧାଞ୍ଜଳି ସଭା

ବ୍ରହ୍ମପୁର ଅଫିସ,୨୯।୯–ବ୍ରହ୍ମପୁରର ପୂର୍ବତନ ଲୋକ ସଭା ଏମ୍‌ପି ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଗଞ୍ଜାମ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ବାପୁଜୀ ଆଶ୍ରମରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଗୋପାଳପୁର ବିଧାୟକ ତଥା ଜିଲା କଂଗ୍ରେସର ପ୍ରାକ୍ତନ ସଭାପତି ଡ଼ା. ତ୍ରିନାଥ ବେହେରା ଅଧକ୍ଷତା କରିଥିଲେ। ପିସିସି ସଦସ୍ୟ ପୀତବାସ ପଣ୍ଡା, ଜିଲା କମିଟି ଉପସଭାପତି ମହେଶ୍ୱର ପାତ୍ର, ସମ୍ପାଦକ ଦଣ୍ଡପାଣି ପାତ୍ର, କିଷାନ କଂଗ୍ରେସ ଜିଲା ସଭାପତି ବୃନ୍ଦାବନ ଖଟେଇଙ୍କ ସମେତ ପଦ୍ମଚରଣ ସାହୁ, ଡବ୍ଲ୍ୟୁ ବାଲକ୍ରିଷ୍ଣା, ମହିଳା କଂଗ୍ରେସର ସୁଜ୍ଞାନୀ ପଟ୍ଟନାୟକ, ନିରଞ୍ଜନ ପାଣିଗ୍ରାହୀ, ସାକା ସୁଜିତ, ଯୁବ କଂଗ୍ରେସ ଜିଲା ସଭାପତି ସନାତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜୟନ୍ତୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅପରପକ୍ଷରେ ଜୟନ୍ତୀଙ୍କ ବିୟୋଗରେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରା, ଗତ ନିର୍ବାଚନରେ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଲିଙ୍ଗରାଜ ଚୌଧୁରୀ ଶୋକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ୧୯୯୮ ଲୋକ ସଭା ନିର୍ବାଚନରେ ଜୟନ୍ତୀ ବ୍ରହ୍ମପୁର କ୍ଷେତ୍ରରୁ ନିର୍ବାଚିତ ହୋଇଥିଲେ।

# ନିଜସ୍ୱ ବିଲ୍‌ଡିଂରେ ହେଉ ଜିଲା ବିଜେଡି ଅଫିସ

**ବ୍ରହ୍ମପୁରରେ ନିର୍ମାଣ କରାଯାଉ ବିଜୁ ଭବନ**

ବ୍ରହ୍ମପୁର ଅଫିସ,୨୯।୯

ଆଞ୍ଚଳିକ ରାଜନୈତିକ ଦଳ ବିଜେଡି ଗଠନର ୨୪ ବର୍ଷ ପୂରିବାକୁ ଯାଉଛି। ଏହାର ସଭାପତି ନବୀନ ପଟ୍ଟନାୟକ ଗଞ୍ଜାମ ଜିଲାରୁ ରାଜନୀତି ଆରମ୍ଭ କରିବାର ୨୫ ବର୍ଷ ବିତିଛି। ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ଲଗାତର ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ୫ମ ପାଳି ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଜାତୀୟ ରାଜନୀତିରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ସଫଳ ଶାସନ ଯୋଗୁ ସେ ଅନେକ ସମ୍ମାନ ପାଇଛନ୍ତି। ତେବେ ନିଜ ଜିଲାରେ ବିଜେଡିର ନିଜସ୍ୱ ବିଲ୍‌ଡିଂ ନ ଥିବା ବିଡ଼ମ୍ବନାର ବିଷୟ ହୋଇଛି। ଦଳ ଗଠନର ୧୭ ବର୍ଷ ପର୍ଯ୍ୟନ୍ତ ଗଞ୍ଜାମରେ ଜିଲା କାର୍ଯ୍ୟାଳୟ ନ ଥିଲା। ଗତ ୫ ବର୍ଷ ହେବ ବ୍ରହ୍ମପୁରରେ ଭଡ଼ା ଘରେ ଚାଲିଛି ଅଫିସ। ତେଣୁ ମହାନଗରରେ ବିଜେଡିର ନିଜସ୍ୱ ବିଲ୍‌ଡିଂ ନିର୍ମାଣ କରି ବିଜୁ ଭବନ ରଖାଯିବାକୁ କର୍ମୀଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

ସୂଚନାନୁସାରେ, ବିଜେଡି ଗଠନ ପରେ ଜିଲା ସଂଗଠନର ପ୍ରଥମ ସଭାପତି ହୋଇଥିଲେ ପୂର୍ବତନ ବିଧାୟକ ମାଧବାନନ୍ଦ ବେହେରା। ଦ୍ୱିତୀୟରେ ପୂର୍ବତନ ଜିଲା ପରିଷଦ ସଭାପତି ରେବତୀ ମୋହନ ନାୟକ, ପରବର୍ତ୍ତୀ ପର୍ଯ୍ୟାୟରେ ସୁବାସ ଚନ୍ଦ୍ର ମହାରଣା ଲଗାତର ୩ ଥର ଜିଲା ସଭାପତି ହୋଇଥିଲେ। ତାଙ୍କ ପରେ ଜିଲା ସଭାପତି ଭାବେ ପୂର୍ବତନ ବିଧାୟକ ଦେବରାଜ ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ଏହି ୪ ଜଣଙ୍କ କାର୍ଯ୍ୟକାଳ ମଧ୍ୟରେ ଶାସକ ଦଳର ଜିଲା କାର୍ଯ୍ୟାଳୟ ନ ଥିଲା। ୨୦୧୭ରେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଜିଲା ସଭାପତି ହେବାରୁ ପ୍ରଥମ କରି ବ୍ରହ୍ମପୁରରେ ଏକ ଭଡ଼ା ଘରେ ବିଜେଡି ଅଫିସ ଖୋଲିଥିଲେ। ସେ ଦଳରୁ ବହିଷ୍କୃତ ହେବାରୁ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଏଯାବତ୍ ଜିଲା ବିଜେଡି ସଭାପତି ଅଛନ୍ତି। ତାଙ୍କ ବାସଭବନ ପାଖରେ ଦଳର ଜିଲା ଅଫିସ ପାଇଁ ଭଡ଼ାରେ ଘର ନେଇଛନ୍ତି।

ଅପରପକ୍ଷରେ ୨୦୦୦ରୁ ୨୦୧୯ ମଧ୍ୟରେ ୫ ସାଧାରଣ ନିର୍ବାଚନ ହୋଇଛି। ଏହି ସମୟରେ ବିଜେଡି ପ୍ରାର୍ଥୀମାନଙ୍କ ବିପୁଳ ବିଜୟ ହୋଇଛି। ତେବେ ଗଞ୍ଜାମର ମୁଖ୍ୟ ସ୍ଥାନ ବ୍ରହ୍ମପୁରରେ ଦଳର ନିଜସ୍ୱ ବିଲ୍‌ଡିଂ ନିର୍ମାଣ କରି ବିଜେଡି ଅଫିସ ଲାଗି ନିର୍ବାଚିତ ଏମ୍‌ପି ଓ ବିଧାୟକମାନେ ପ୍ରୟାସ କରିନାହାନ୍ତି। ବ୍ରହ୍ମପୁରରେ କଂଗ୍ରେସ, ସିପିଏମ୍, ସିପିଆଇର ନିଜସ୍ୱ ସ୍ଥାୟୀ କୋଠା ଅଛି। ଭାଜପା ପକ୍ଷରୁ ଅଫିସ ବିଲ୍‌ଡିଂ ପାଇଁ ଲାଞ୍ଜିପଲ୍ଲୀରେ ବିସ୍ତୃତ ଜମି କିଣାଯାଇଛି। ଖୁବ୍‌ଶୀଘ୍ର ନିର୍ମାଣ ହେବାର କୁହାଯାଇଛି। ତେବେ ବିଜେଡି ନିଜସ୍ୱ ଅଫିସ ବିଲ୍‌ଡିଂ କ୍ଷେତ୍ରରେ ପଛରେ ପଡ଼ିଯାଇଛି। ତେଣୁ ବ୍ରହ୍ମପୁରରେ ବିଜୁ ଭବନ ନିର୍ମାଣ ଲାଗି କର୍ମୀଙ୍କ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଜିଲା ସଭାପତି ଚ୍ୟାଉ ପଟ୍ଟନାୟକ କହିଛନ୍ତି, ଏହା ସ୍ୱାଗତଯୋଗ୍ୟ ପ୍ରସ୍ତାବ ହୋଇଥିବାରୁ ରାଜ୍ୟ ସଂଗଠନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବିଲ୍‌ଡିଂ ନିର୍ମାଣ ଲାଗି ପଦକ୍ଷେପ ନିଆଯିବ।

# ଅଲାରିଗଡ଼ରେ ଦୁର୍ଗାପୂଜା



ଅଲାରିଗଡ଼ରେ ପୂଜା ପାଉଥିବା ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

ଶେରଗଡ଼,୨୯।୯(ଡି.ଏନ.ଏ.)

ଶେରଗଡ଼ ବ୍ଲକ ଅଲାରିଗଡ଼ ଗ୍ରାମରେ ବୁଧବାରଠାରୁ ଦୁର୍ଗାପୂଜା ଆରମ୍ଭ ହୋଇଛି। ଏହି ଅବସରରେ କଳସ ଯାତ୍ରା ସାଙ୍ଗକୁ ଷୋଡଶ ଉପଚାର ପୂଜା କରାଯାଇଥିଲା। ନବରାତ୍ରି ପୂଜା ଅସରରେ ଅଲାରିଗଡ଼ ଗ୍ରାମବାସୀଙ୍କ ପକ୍ଷରୁ ହୋମ କରାଯାଇଛି। ମା'ଙ୍କ ଆବାହନ କରାଯାଇ ସାହାଣ ମେଳା କରାଯାଇଛି। ଦଶମୀ ପର୍ଯ୍ୟନ୍ତ ଚଣ୍ଡୀ ପାଠ ସାଙ୍ଗକୁ ହୋମ ଯଜ୍ଞ କରାଯିବ। ପ୍ରତ୍ୟେକ ସନ୍ଧ୍ୟାରେ ଆଳତୀ ଅନୁଷ୍ଠିତ ହେଉଛି ବୋଲି ଆୟୋଜକ କହିଛନ୍ତି।

# ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତି ନିକଟରୁ ମୃତ୍ତିକା ସଂଗ୍ରହ



ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି ।

ଜି.ଉଦୟଗିରି,୨୯।୯(ଡି.ଏନ.ଏ.)

ମହାତ୍ମା ଗାନ୍ଧୀଙ୍କ ୧୫୩ ତମ ଗାନ୍ଧୀ ଜୟନ୍ତୀ ଉତ୍ସବ ଓ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରା ରୋପଣ ଲାଗି ଗୁରୁବାର ଜି.ଉଦୟଗିରିରେ ଥିବା ମହାନ ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତି ନିକଟରୁ ମୃତ୍ତିକା ସଂଗ୍ରହ କରାଯାଇଛି। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନଗୁଡିକ ଏଥିରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଭାକର ମହାରଣା, ସ୍ଥାନୀୟ ବିଡିଓ ଆଶିଷ କୁମାର ତ୍ରିପାଠୀ, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଉପାଧକ୍ଷ ଏନ୍. ଲୁକ, ଏନ୍‌ଏସି ଅଧିକାରୀ ଇତିଶ୍ରୀ ଷଡଙ୍ଗୀ, ଏନ୍‌ଏସି ଉପାଧକ୍ଷ ସନ୍ତୋଷ କୁମାର ବାଘଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମୃତ୍ତିକା ସଂଗ୍ରହ ବେଳେ ବିଭିନ୍ନ ସାଂସ୍କୃତିକ ଦଳ ପାରମ୍ପରିକ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଚଳିତ ବର୍ଷ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ, ଜିଲାରେ ଜିଲାସ୍ତରୀୟ ଓ ବ୍ଲକରେ ବ୍ଲକସ୍ତରୀୟ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନ କରାଯିବ। ସେଥି ନିମନ୍ତେ ରାଜ୍ୟର ବିଭିନ୍ନ ଜିଲାରୁ ମହାପୁରୁଷ ଓ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପ୍ରତିମୂର୍ତ୍ତି ନିକଟରୁ ମୃତ୍ତିକା ଓ ବିଭିନ୍ନ ନଦୀରୁ ଜଳ ସଂଗ୍ରହ କରାଯାଉଛି।

### ବଜ୍ରପାତରେ ୨ ଛାତ୍ରୀଛାତ୍ର ଆହତ

ଦିଗପହଣ୍ଡି,୨୯।୯(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଘଡଘଡି ସହ ପ୍ରବଳ ବର୍ଷା ହୋଇଥିଲା। ବର୍ଷା ପରବର୍ତ୍ତୀ ବଜ୍ରପାତରେ ବି.ତୁରୁବୁଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ଛାତ୍ରୀଛାତ୍ର ଆହତ ହୋଇଥିବା ଜଣାପଡିଛି। ସେମାନେ ହେଲେ ଚତୁର୍ଥ ଶ୍ରେଣୀରେ ପଢୁଥିବା ଛାତ୍ର ସ୍ୱାଧୀନ କୁମାର ସାହୁ ଏବଂ ଅଷ୍ଟମ ଶ୍ରେଣୀ ଛାତ୍ରୀ ରୂପାଲି ଗୌଡ। ଉଭୟେ ଶ୍ରେଣୀଗୃହରେ ଥିବା ବେଳେ ବଜ୍ରପାତ ହେବାରୁ ଆହତ ହୋଇଥିଲେ। ବି.ତୁରୁବୁଡ଼ି ସରପଞ୍ଚ ବି. ଲିଙ୍ଗରାଜ ଦୋରାଙ୍କ ଉଦ୍ୟମକ୍ରମେ ସଙ୍ଗେସଙ୍ଗେ ଦୁହିଁଙ୍କୁ ଦିଗପହଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଚିକିତ୍ସା କରାଯାଇଥିଲା। ଏବିଇଓ ବିଶ୍ରବା ପାଇକ, ସିଆରରସିସି ବି.ଆର.ମେନସନ୍ ପ୍ରଧାନ ଏବଂ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସେଠୀ ଚିକିତ୍ସା ଦାୟିତ୍ୱ ତଦାରଖ କରିଥିଲେ। ଆହତ ବିଦ୍ୟାର୍ଥୀଦ୍ୱୟ ସୁସ୍ଥ ଥିବା ଜଣାପଡିଛି।

### ଆମ ପୋଲିସ ସମିତି ବୈଠକ

ହିଞ୍ଜିଳିକାଟୁ,୨୯।୯(ଡି.ଏନ.ଏ)

ହିଞ୍ଜିଳି ଥାନା ଅନ୍ତର୍ଗତ ଖଣ୍ଡରା ଗ୍ରାମରେ ଆମ ପୋଲିସ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହିଞ୍ଜିଳିକାଟୁ ବ୍ଲକ ଚାନ୍ଦୁଲି ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବ୍ୟାଙ୍କ ଏବଂ ଏଟିଏମ୍ ଠକେଇ, ମଦ୍ୟପାନ କରି ଓ ବିନା ହେଲମେଟରେ ଡ୍ରାଇଭିଂ ନ କରିବା, ବାଲ୍ୟ ବିବାହ ବନ୍ଦ, ଗୁଣି ଗାରେଡି ଓ ଅନ୍ଧବିଶ୍ୱାସ ତ୍ୟାଗ କରିବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହିଞ୍ଜିଳି ଥାନାର ଏସ୍‌ଆଇ ସିର୍ଦ୍ଧାଥ ଜେନା,ଏଏସଆଇ ଗୋପାଳକୃଷ୍ଣ ଆଗୁ ପାତ୍ର, ଏଏସ୍‌ଆଇ ରାଘବ ପ୍ରଧାନଙ୍କ ସମେତ ଆମ ପୋଲିସ ସମିତି ସଦସ୍ୟଙ୍କ ସମେତ ଗ୍ରାମର ବହୁ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# ଗଜଲକ୍ଷ୍ମୀ ପୂଜା ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ କରାଯାଉଛି।

ଛତ୍ରପୁର,୨୯।୯(ଡି.ଏନ୍.ଏ.)

ଛତ୍ରପୁର ଲୋୟର ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀବଜାର୍‌ରେ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଛି। ପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଡ଼. ସରୋଜ କୁମାର ଶତପଥୀ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିବା ବେଳେ ପ୍ରଶାନ୍ତ କୁମାର ମହାରଣା କର୍ତ୍ତା ହୋଇଥିଲେ। ଆସନ୍ତା ୮ ତାରିଖରୁ ୭ ଦିନ ପର୍ଯ୍ୟନ୍ତ ମା'ଙ୍କ ପୂଜା ଚାଲିବ। ପୂଜା କମିଟି ସଭାପତି ବସନ୍ତ କୁମାର ମହାରଣା, ସମ୍ପାଦକ ପ୍ରଦୀପ କୁମାର ସାହୁ, ଉପସଭାପତି ମନୋଜ କୁମାର ସାହୁ, କୋଷାଧକ୍ଷ ଅତୁଲ କୁମାର ଦାସ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ,୧୦ନଂ ୱାର୍ଡ଼ କାଉନସିଲର ଦେବାଶିଷ ମିଶ୍ର, ଛତ୍ରପୁର ବିଜେଡ଼ି ନଗର ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଶିକ୍ଷକନେତା ରବିନାରାୟଣ ବେହେରା, ସରୋଜ କୁମାର ପାଢ଼ୀ, ଲୋକନାଥ ମହାରଣା, ଆରତ ବିଶ୍ୱାଳ, ଲିପୁନ ବିଶ୍ୱାଳ, କେଞ୍ଚୁ ପୁରୋହିତ, ସନ୍ତୋଷ କୁମାର ଚୌଧୁରୀଙ୍କ ସମେତ ପୂଜା କମିଟିର ସମସ୍ତ ସଦସ୍ୟ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜିଆର୍‌ଏସ୍-ବିଜେଡି ନେତାଙ୍କ ମଧ୍ୟରେ ମାରପିଟ୍, ୨ ମାମଲା ରୁଜୁ

ଗୋପାଳପୁର,୨୯।୯(ଡି.ଏନ.ଏ.)

କନିଷି ହାଟସ୍ଥିତ ରଙ୍ଗେଇଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଆର୍‌ଏସ ଓ ବିଜେଡି ନେତାଙ୍କ ମଧ୍ୟରେ ମାରପିଟ୍ ହୋଇଥିବା ଗୁରୁବାର ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି।

ଗୋଳନ୍ଥରା ଗ୍ରାମର ବିଜେଡି ନେତା ସନ୍ତୋଷ ପ୍ରଧାନ ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟକୁ ଆସି ଏମଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ଏକ କାର୍ଯ୍ୟକୁ ନେଇ କନିଷ୍ଠ ଯନ୍ତ୍ରୀମାନେ ବସୁଥିବା ପ୍ରକୋଷ୍ଠକୁ ଯାଇଥିଲେ। ସେଠାରେ ଗୋଳନ୍ଥରା ପଞ୍ଚାୟତର ଜିଆରଏସ ରାକେଶ ସାମନ୍ତ ଉପସ୍ଥିତ ଥିଲେ। ସନ୍ତୋଷ ଏକ ପୁରୁଣା କାର୍ଯ୍ୟର ମଷ୍ଟର ରୋଲ ଜିଆରଏସଙ୍କୁ ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ପରେ ଠେଲାପେଲା ହୋଇଥିଲା। ଘଟଣା ସମୟରେ ସେଠାରେ ଉପସ୍ଥିତ ଥିବା ସହକାରୀ ଯନ୍ତ୍ରୀ ପଞ୍ଚାନନ ପ୍ରଧାନ, ଜିଲା ପରିଷଦ ଉପସଭାନେତ୍ରୀ ଏସ ରାଜେଶ୍ୱରୀ ଦୋରାଙ୍କ ସମେତ ଅନ୍ୟମାନେ ଉଭୟଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ତେବେ ଠେଲାପେଲାରେ ଆହତ ସନ୍ତୋଷ ଗିରିସୋଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇ ଘଟଣା ସମ୍ପର୍କରେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ ୩୫୭/୨୨ ପ୍ରକାରେ ଜିଆରଏସ ସାମନ୍ତଙ୍କ ନାମରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିଲା। ଅନ୍ୟପଟେ ଜିଆରଏସ ସାମନ୍ତ ମଧ୍ୟ ତାଙ୍କୁ ମାଡ ମାରି ବେକରେ ପିନ୍ଧିଥିବା ସୁନାହାର ଲୁଟ କରିଥିବା ନେଇ ପ୍ରଧାନଙ୍କ ବିରୋଧରେ ପାଲଟା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ୩୫୮/୨୨ ରେ ଆଉ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ବନ୍ଧାହେଲେ ଟୁଙ୍ଗୁରୁ ଭୋଳ

ଭୁବନେଶ୍ୱର,୨୯।୯ (ବ୍ୟୁରୋ)

ଜଣେ ମହିଳାଙ୍କୁ ବଳାତ୍କାର କରିବା ଓ ତାଙ୍କ ସହିତ ପ୍ରେମ ସମ୍ପର୍କିତ ଭିଡିଓ ଭାଇରାଲ କରିବା ଅଭିଯୋଗରେ ଆଲୋକ ଭୋଳ ଓରଫ ଟୁଙ୍ଗୁରୁଙ୍କୁ ଭରତପୁର ଥାନା ପୋଲିସ ଗୁରୁବାର ଗିରଫ ପରେ କୋର୍ଟଚାଲାଣ କରିଛି। ତାଙ୍କ ଘର ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଅଞ୍ଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱର ଆଇଗଣିଆ ଅଞ୍ଚଳର ଫୁଲେଶ୍ୱରୀ ବସ୍ତିରେ ରହୁଥିଲେ।

ସୂଚନାନୁସାରେ, ଟୁଙ୍ଗୁରୁ ବାପା, ମା'ଙ୍କ ସହ ଫୁଲେଶ୍ୱରୀ ବସ୍ତିରେ ରହି ଅଟୋ ଚଳାନ୍ତି। ଭରତପୁର ଥାନା ଶରଧାପଲ୍ଲୀ ବସ୍ତିର ସୁଜୟନ୍ତି ଦିଗାଲ ଓରଫ ବର୍ଷା ଭୋଳ(୨୯)ଙ୍କୁ ଅଟୋରେ ନେବା ସମୟରେ ତାଙ୍କ ସହିତ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପରେ ଉଭୟଙ୍କ ମଧ୍ୟରେ ଫୋନ ନମ୍ବର ଦିଆନିଆ ହୋଇଥିଲା। ଉଭୟଙ୍କ ପ୍ରେମ ସମ୍ପର୍କ ଜାଣିବା ପରେ ବର୍ଷାଙ୍କ ସ୍ୱାମୀ ତାଙ୍କୁ ଛାଡ଼ି ପଳାଇଥିଲେ। ପରେ ବର୍ଷା ଟୁଙ୍ଗୁରଙ୍କୁ ବିବାହ କରିବାକୁ ଜିଦ ଧରିଥିଲେ ମଧ୍ୟ ସେ ରାଜି ହୋଇ ନ ଥିଲେ। ବର୍ଷା ଫୁଲମାଳ, ସିନ୍ଦୂର ଏବଂ ଶଙ୍ଖା ଧରି ଭରତପୁର ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଘଟଣା ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ପରେ ଟୁଙ୍ଗୁରୁ ଭୋଳ ବର୍ଷାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଉଭୟଙ୍କୁ ଡାକି ବୁଝାସୁଝା କରିଥିଲା। ପୁଣି ଅଗଷ୍ଟ ୧୦ ବିଳମ୍ବିତ ରାତିରେ ଟୁଙ୍ଗୁରୁ ବର୍ଷାଙ୍କ ଘରକୁ ଯାଇ ଜୋର ଜବରଦସ୍ତ ବଳାତ୍କାର କରିଥିଲେ। ଏ ନେଇ ବର୍ଷା ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩୪୧,୨୯୪, ୩୨୩, ୩୭୬ ,୫୦୬ ଏବଂ ୩୪ ଆଇପିସିରେ ମାମଲା ରୁଜୁ କରିଥିଲା। ଟୁଙ୍ଗୁରୁଙ୍କୁ ଦୁଇ ଦିନ ଧରି ଭରତପୁର ପୋଲିସ ଅଟକ ରଖିବା ପରେ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି।

### ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ସାମାଜିକ ସମୀକ୍ଷା, ଗ୍ରାମସଭା

ଖଲ୍ଲିକୋଟ,୨୯।୯(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ଗୁରୁବାର ସାମାଜିକ ସମୀକ୍ଷା ଓ ଗ୍ରାମସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରୁବିଲତା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲ୍ଲୀପ ତ୍ରିପାଠୀ, ଗ୍ରାମ ରୋଜଗାର ସେବିକା ଅଁଳା ବେହେରା, ଭିଆରପି ପ୍ରବୀଣ ଜାଲ୍ଲି, ସସ୍ମିତା ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ସମୀକ୍ଷା ବୈଠକରେ ଏମ୍‌ଜିଏନ୍‌ଆରଇଜିଏସ୍, ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ଉପରେ ଆଲୋଚନା ହୋଇଥିଲା। ଏହି ପଞ୍ଚାୟତର ଶ୍ରୀକୃଷ୍ଣଶରଣପୁର, ରାମଚନ୍ଦ୍ରପୁର, ପୂର୍ଣ୍ଣଚନ୍ଦ୍ରପୁର, ହରିଡ଼ାମୂଳ ଓ ଏନ୍.ଗୁରୁଣ୍ଡି ଆଦି ଗ୍ରାମରେ ହୋଇଥିବା ଏମ୍‌ଜିଏନ୍‌ଆରଇଜିଏସ୍ କାମର ସମୀକ୍ଷା କରାଯାଇଥିଲା। ସେହିପରି ସାବୁଲିଆ ପଞ୍ଚାୟତରେ ଗଞ୍ଜାମ ଜିଲା ସାମାଜିକ ସମୀକ୍ଷକ ଡ.ରବୀନ୍ଦ୍ର ନାଥ ମଲାଣଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବ୍ଲକ ସାମାଜିକ ସମୀକ୍ଷକ ରଶ୍ମିତା ସାହୁ, ସାବୁଲିଆ ସରପଞ୍ଚ, ଜିଆରଏସ୍ ଓ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପଞ୍ଚାୟତରେ ହୋଇଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଏବଂ ବିଭିନ୍ନ ଭତ୍ତା ଉପରେ ସମୀକ୍ଷା କରି ଜଣାଇଥିଲେ।



ବୈଠକରେ ଉପସ୍ଥିତ ଅତିଥି ।

### ବିଜ୍ଞାନ ମେଳା: ଜିଲାସ୍ତରକୁ ୧୪ ମନୋନୀତ

ଜି.ଉଦୟଗିରି,୨୯।୯(ଡି.ଏନ.ଏ.)

ସ୍ଥାନୀୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଗୁରୁବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ମେଳାରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ନିଜ ନିଜ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଆସନ୍ତାରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ୧୪ ଜଣ କୁନି ବୈଜ୍ଞାନିକ ମନୋନୀତ ହୋଇଛନ୍ତି। ସମ୍ପାଦକ ଅରୁଣ କୁମାର ଷଡଙ୍ଗୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ମେଳାରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଜିଲାର ଜଣାଶୁଣା ବିଜ୍ଞାନ ଶିକ୍ଷକ ବଳରାମ ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ।

# ବ୍ଲକ୍‌ସ୍ତରୀୟ ଆନ୍ତଃ-ବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ବୁଗୁଡା,୨୯।୯(ଡି.ଏନ.ଏ.)

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନିଷ୍ଟାଡିୟମରେ ବୁଗୁଡ଼ା ବ୍ଲକସ୍ତରୀୟ ଆନ୍ତଃ-ବିଦ୍ୟାଳୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୩ ବିଦ୍ୟାଳୟର ବାଳକ ଦଳ ଓ ୪ ବିଦ୍ୟାଳୟର ବାଳିକା ଦଳ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟ କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟକୁ ସଭାପତି ତଥା ବିଇଓ ପ୍ରସନ୍ନ କୁମାର ବେହେରା ଉଦ୍‌ଘାଟନ କରିଥିଲେ। ଏବିଇଓ ପ୍ରମୋଦ ଚନ୍ଦ୍ର ସେନାପତି ଓ ପିପୁଲ୍ସ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ଗୁଡିକ ପରିଚାଳନା ପାଇଁ କ୍ରୀଡା ଶିକ୍ଷକ ବିଭୂ ପ୍ରସାଦ ନନ୍ଦ, ପ୍ରଣବ ମହାନ୍ତ, ଲିଙ୍ଗରାଜ ବାରିକ, ବିନୋଦ ବେହେରା ଓ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ରେଫରି ଥିଲେ। ବ୍ଲକ ବିଦ୍ୟାଳୟ କ୍ରୀଡା ସଂଘ ସମ୍ପାଦକ ବିଶ୍ୱେଶ୍ୱର ଗିରିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ସୁପରିଚାଳନାରେ କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ନାୟକ, ଆଦିତ୍ୟ ପ୍ରଧାନ, ଗୋପାଳ ପାତ୍ର ଓ ଅମିୟ ରଞ୍ଜନ ଭୂୟାଁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ପ୍ରକାଶ ଯେ, ଆଗାମୀ ଜୋନାଲ୍‌ସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ କ୍ୟାପଟେନ୍ ରାହୁଲ ବିଷୋୟୀଙ୍କ ନେତୃତ୍ୱରେ ଚୟନ ହୋଇଥିବା ବାଳକ ଦଳ ଏବଂ କ୍ୟାପଟେନ୍ ନନ୍ଦିନୀ ବେହେରାଙ୍କ ନେତୃତ୍ୱରେ ୧୪ ଜଣିଆ ବାଳିକା ଦଳ ଅଂଶ ଗ୍ରହଣ କରିବେ।




ଖେଳରେ ଅଂଶଗ୍ରହଣ କରିଥିବା ବାଳିକା ବାଳକ ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୩୦ ସେପ୍ଟେମ୍ବର, ୨୦୨୨



## ଗଞ୍ଜେଇ ଜବତ, ୨ ଗିରଫ

ପାରଳାଖେମୁଣ୍ଡି;(ଡି.ଏନ.ଏ.)-କାଶୀନଗର ବ୍ଲକ ଅନ୍ତର୍ଗତ ରାଣୀପେଣ୍ଠ ରେଲୱେ ଫାଟକ ନିକଟରେ ଅବକାରୀ ଯାଞ୍ଚ ବେଳେ ଏକ କାରରୁ ୧୨ କେଜି ଗଞ୍ଜେଇ ଜବତ ହୋଇଛି। ଗଞ୍ଜେଇ ଚାଲାଣ ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଛି । ପାରଳାଖେମୁଣ୍ଡି ଅବକାରୀ ଥାନା ଓ ଭ୍ରାମ୍ୟମାଣ୍ୟ ଅବକାରୀ ଟିମ ପକ୍ଷରୁ ରାଣୀପେଣ୍ଠ ଅଞ୍ଚଳରେ ଯାନବାହାନ ଯାଞ୍ଚ ଚାଲିଥିଲା। ସେଠାରେ ଏକ କାର ଯାଞ୍ଚ ବେଳେ ଗଞ୍ଜେଇ ମିଳିଥିଲା।

# ସଂକ୍ଷେପରେ

## ଜାମପଲ୍ଲୀ ଛକରେ ବସ୍ ଦୁର୍ଘଟଣା, ୩ ଆହତ

ଭଞ୍ଜନଗର,୨୯।୯(ଡି.ଏନ୍.ଏ.)–ଭୁବନେଶ୍ୱରରୁ ଭାୟା ଭଞ୍ଜନଗର ଦେଇ ଦାରିଙ୍ଗବାଡ଼ି ଯାଉଥିବା 'ସାରଳା' ନାମକ ବସ୍ ବୁଧବାର ରାତି ପ୍ରାୟ ସାଢେ ୩ଟାରେ ଜାମପଲ୍ଲୀ ଛକରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ସୌଭାଗ୍ୟବଶତଃ ବସ୍‌ରେ ଥିବା ପ୍ରାୟ ୧୫ ଯାତ୍ରୀ ରକ୍ଷା ପାଇଯାଇଛନ୍ତି। ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି। ବସ୍‌ଟି ଭଞ୍ଜନଗର ବସ୍‌ଷ୍ଟାଣ୍ଡଠାରୁ ମାତ୍ର ୧ କି.ମି. ଦୂର ଆସିବା ପରେ ଜାମପଲ୍ଲୀ ଛକରେ କୌଣସି କାରଣରୁ ଚାଳକ ଭାରସାମ୍ୟ ହରାଇବାରୁ ଏକ ପାଚେରିରେ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ଭୟରେ ବସ୍ କର୍ମଚାରୀମାନେ ପଳାଇ ଯାଇଥିଲେ। ପ୍ରାୟ ୧୦ ମିନିଟ ପରେ ଯାତ୍ରୀମାନେ ଗାଡିରୁ ସୁରକ୍ଷିତ ଓହ୍ଲାଇ ଅଟୋରେ ପୁଣି ବସ୍‌ଷ୍ଟାଣ୍ଡକୁ ଫେରି ଅନ୍ୟ ଗାଡ଼ିରେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଫେରିଛନ୍ତି।

## ଛିନ୍ନମସ୍ତା ଅଟୋ ସଂଘ ନିର୍ବାଚନ

କବିସୂର୍ଯ୍ୟନଗର,୨୯।୯ (ଡି.ଏନ.ଏ.)–କବିସୂର୍ଯ୍ୟନଗର ବୁଡ଼ାମ୍ବ ନିକଟ ମାରଦା ପୀଠରେ ପ୍ରାକ୍ତନ ସରପଞ୍ଚ କେଶବ ପ୍ରଧାନଙ୍କ ସଭାପତିତ୍ୱରେ ମା ଛିନ୍ନମସ୍ତା ଅଟୋ ସଂଘ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଛି। ଟ୍ରେଡ୍ ୟୁନିୟନ ସଭାପତି ଭାବେ ଅଜୟ କୁମାର ପୋଲାଇ, ଉପସଭାପତି ଇବ୍ରାହିମ ଖାଁ, ସାଧାରଣ ସମ୍ପାଦକ ଶେଖ ରହମତ ଅଲ୍ଲୀ, କୋଷାଧ୍ୟକ୍ଷ ଭାବେ ନାରାୟଣ ବେହେରା ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି କେଶବ ପ୍ରଧାନ। କାର୍ଯ୍ୟକ୍ରମରେ ବୁଢ଼ାମ୍ବର ସମସ୍ତ ଅଟୋ ଚାଳକ ଯୋଗ ଦେଇଥିଲେ।

## ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ

ପାତ୍ରପୁର,୨୯।୯(ଡି.ଏନ.ଏ.)–ପାତ୍ରପୁର ବ୍ଲକ ବି.ନୂଆଗାଁ ଠାରେ ବିଶ୍ୱ ହୃତପିଣ୍ଡ ଦିବସ ଉପଲକ୍ଷେ ବି.ନୂଆଗାଁ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ରାଲି ଅନୁଷ୍ଠିତ ହୋଇଛି। ସରପଞ୍ଚ ଏମ.ମୋହନ ରାଓ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟକର୍ମୀ ଆର.ତ୍ରିବେଣୀ, ସବିତା ଶବର, ଆଶାକର୍ମୀ ଡ଼ି.ଚନ୍ଦ୍ରାମତି, କେ.ଦମୟନ୍ତୀ, ସ୍ନେହାଞ୍ଜଳି ରାଉଳ ଓ ଯୁବଗୋଷ୍ଠୀ ରାଲିରେ ଯାଇ ଗ୍ରାମବାସୀଙ୍କୁ ହୃଦଘାତ ସମ୍ପର୍କରେ ସଚେତନ କରିଥିଲେ। ହୃତଘାତ ନ ହେବା ଲାଗି ଧୂମପାନ ଓ ମଦ୍ୟପାନ ଠାରୁ ଦୁରେଇ ରହିବା, ମାନସିକ ଦୁଶ୍ଚିନ୍ତା ମଧ୍ୟରେ ନ ରହିବା ଓ ତେଲ, ମସଲା, ମାଂସ କମ ବ୍ୟବହାର କରି ସୁସ୍ଥ ଜୀବନଯାପନ କରିବାକୁ ସଚେତନ କରାଯାଇଥିଲା।

## ବୁଢ଼ୀ ଠାକୁରାଣୀ ମନ୍ଦିର ହୁଣ୍ଡିରୁ ଚୋରି

ଗଞ୍ଜାମ,୨୯।୯(ଡି.ଏନ.ଏ.)–ଗଞ୍ଜାମ ଅଞ୍ଚଳରେ ଗତ କିଛି ମାସ ଭିତରେ ୪ଟି ସ୍ଥାନରୁ ଚୋରି ହୋଇଥଲେ ମଧ ପୋଲିସକୁ କୌଣସି ଗୋଟିଏର ସୁରାକ ମିଳିନି। ଏଭଳି ସ୍ଥିତିରେ ପୋଲିସକୁ ଚ୍ୟାଲେଞ୍ଜ ଦେଇ ଗୁରୁବାର ଭୋରରେ ସହରରେ ଥିବା ବୁଢ଼ୀ ଠାକୁରାଣୀ ମନ୍ଦିରର କାଚ ଭାଙ୍ଗି କେହି ଦୁର୍ବୃତ୍ତ ହୁଣ୍ଡିରୁ ଟଙ୍କା ଲୁଟି ନେଇଛନ୍ତି। ଏଥିସହ ଦୁର୍ବୃତ୍ତମାନେ ସେଠାରେ ମଳତ୍ୟାଗ କରିଥିବା ଜଣାପଡିଛି। ଏନେଇ ବରିଷ୍ଠ ନାଗରିକ ବିନୋଦ ଚନ୍ଦ୍ର ମହାପାତ୍ର ଗଞ୍ଜାମ ଥାନାରେ ଅଭିଯୋଗ କରିଛନ୍ତି। ମା'ଙ୍କ ନବରାତ୍ର ପୂଜା ଲାଗି ରାତି ପ୍ରାୟ ୩ଟା ପର୍ଯ୍ୟନ୍ତ ହୋମ ଚାଲିଥିଲା। ସମସ୍ତେ ଯିବା ପରେ ସ୍ଥାନୀୟ ଅଞ୍ଚଳର କେହି ଦୁର୍ବୃତ୍ତ ଏପରି କାଣ୍ଡ ଭିଆଇଥିବା ଆଲୋଚନା ହେଉଛି। ତେବେ ଅଞ୍ଚଳରେ ପାଟ୍ରୋଲିଂ ହେଉ ନ ଥିବାରୁ ଗତ କିଛି ମାସ ହେବ ଲୁଟେରା ସକ୍ରିୟ ହୋଇଥିବା ଚର୍ଚ୍ଚା ହେଉଛି।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ଭଞ୍ଜନଗର,୨୯।୯(ଡି.ଏନ.ଏ.)–ଭଞ୍ଜନଗର ବ୍ଲକ ଅନ୍ତର୍ଗତ ଦଣ୍ଡିପଦର ଗ୍ରାମରେ ଗୁରୁବାର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନାରାୟଣ ପାତ୍ର (୩୫)। ନାରାୟଣ ଶୌଚ ପାଇଁ ପୋଖରୀ ଆଡ଼େ ଯାଇଥିବା ବେଳେ ସାପ କାମୁଡ଼ିବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଭଞ୍ଜନଗର ମେଡିକାଲକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍ପିଟାଲକୁ ପଠାଇଛି।

# ମୁଖ୍ୟ ଫାଟକରେ ତାଲା ପକାଇଲେ ଅଭିଭାବକ

## ଭାଲିଆଖାଇ ବିଦ୍ୟାଳୟରେ ଅବ୍ୟବସ୍ଥା

ଭଞ୍ଜନଗର,୨୯।୯(ଡି.ଏନ.ଏ.)

ଭଞ୍ଜନଗର ବ୍ଲକ ଭାଲିଆଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବହୁଦିନ ହେବ ଅବ୍ୟବସ୍ଥା ଲାଗିରହିଛି। ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ସୁବିଧା ଠିକ୍ ଭାବେ ମିଳୁନାହିଁ। ଏହାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଏକାଧିକ ଥର ଜଣାଇଛନ୍ତି। ତଥାପି ସମସ୍ୟା ନ ସୁଧୁରିବାରୁ ଛାତ୍ରୀଛାତ୍ରଙ୍କ ସହ ଅଭିଭାବକମାନେ ଗୁରୁବାର ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଏବିଇଓ ସୂର୍ଯ୍ୟ ନାୟକ ଏହା ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ମୁଖ୍ୟ ଫାଟକ ଖୋଲିଥିଲା । ତେବେ ବିଦ୍ୟାଳୟ ଭିତରେ ଅଭିଭାବକମାନେ ପୁଣି ହୋହାଲ୍ଲା କରିଥିବା ଦେଖାଯାଇଥିଲା।



ଉତ୍ତ୍ୟକ୍ତ ଅଭିଭାବକ ଏବଂ ଛାତ୍ରୀଛାତ୍ର ଆନ୍ଦୋଳନରେ ବସିଛନ୍ତି।

ଅଭିଭାବକ ତଥା ଗ୍ରାମବାସୀଙ୍କ ଅଭିଯୋଗ ଯେ, ବିଦ୍ୟାଳୟରେ ପିଲାଙ୍କୁ ଠିକ୍ ଭାବେ ମଧ୍ୟାହ୍ନ ଭୋଜନ ମିଳୁନାହିଁ । ପରୀକ୍ଷା ହେଲେ ଧଳା କାଗଜ କିଣି ଆଣିବା ପାଇଁ କୁହାଯାଉଛି । ଗୋଟିଏ ଶ୍ରେଣୀକୁ ଗୋଟିଏ ପ୍ରଶ୍ନପତ୍ର ଦିଆଯାଉଛି। ଏହାଦ୍ୱାରା ସମୟ ଅପଚୟ ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ତେଣୁ ଏଠାରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ବଦଳି କରିବାକୁ ଅଭିଭାବକମାନେ ଦାବିକରିଥିଲେ। ନଚେତ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଗୌରାଙ୍ଗ ଚରଣ ବେହେରା କହିଛନ୍ତି। ଏବିଇଓ ଶୁକ୍ରବାର ପୁଣି ଆସି ସମସ୍ୟାର ସମାଧାନ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଅପରାହ୍ନରେ ଫେରିଛନ୍ତି। ଏନେଇ ଏବିଇଓଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ ସେ ଫୋନ ନ ଉଠାଇବାରୁ ସମ୍ଭବ ହୋଇପାରିନାହିଁ ।

# ବିଦ୍ୟାଳୟ ପାଚେରି ଭୁଶୁଡ଼ି ଛାତ୍ର ଗୁରୁତର

ଧରାକୋଟ,୨୯।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ମାଣିକପୁର କ୍ଲଷ୍ଟର ଦୁର୍ଗାମାଧବପୁର ପ୍ରାଥମିକ ବିଦ୍ୟାଳୟ ପାଚେରି ଭୁଶୁଡ଼ି ତୃତୀୟ ଶ୍ରେଣୀ ଛାତ୍ର କେଶବ ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଶେରଗଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ମେଡିକାଲ ପଠାଯାଇଛି। ପୁଅର ଚିକିତ୍ସା ପାଇଁ ଅଧିକ ଆର୍ଥିକ ସହାୟତା ଯୋଗାଇ ଦେବାକୁ କେଶବଙ୍କ ବାପା ବାବୁ ନାୟକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ବୁଧବାର ଅପରାହ୍ନ ପ୍ରାୟ ୨ଟାରେ ପିଲାମାନେ ବିଦ୍ୟାଳୟ ପରିସରରେ ଖେଳୁଥିଲେ। କେଶବଙ୍କ ସମେତ ୩ ଜଣ ପିଲା ପାଚେରି ନିକଟକୁ ଆସି ଯାଇଥିବା ବେଳେ ହଠାତ୍ ପାଚେରି ଭୁଶୁଡ଼ି ପଡ଼ିଥିଲା। ଫଳରେ ଏଥିରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥଲା। ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ହୋତା ବ୍ରହ୍ମପୁର ବଡ ମେଡ଼ିକାଲ ଯାଇ କେଶବଙ୍କୁ ଦେଖିବା ସହ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ଜିଲା ଶିକ୍ଷାଧିକାରୀ ଚିକିତ୍ସା ଲାଗି ୧୦ହଜାର ଟଙ୍କା ଦେଇଛନ୍ତି।

# ଯୁକ୍ତ ୨ କଳା ଛାତ୍ରୀଙ୍କୁ ସ୍ୱାଗତ

ଦିଗପହଣ୍ଡି,୨୯।୯(ଡି.ଏନ.ଏ.)

ଦିଗପହଣ୍ଡିସ୍ଥିତ ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ବର୍ଷ କଳା ଶ୍ରେଣୀର ନୂତନ ଛାତ୍ରୀଙ୍କୁ କଲେଜ ମୁଖ୍ୟ ଫାଟକରେ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀଙ୍କ ସମେତ ୨ୟ ବର୍ଷର କଳା ଛାତ୍ରୀମାନେ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅଧ୍ୟକ୍ଷା ସସ୍ମିତା କୁମାରୀ ପାଠୀ, ଅଧ୍ୟାପିକା ଗୀତାଞ୍ଜଳି ମହାନ୍ତି, ମଞ୍ଜୁଳା ସାମନ୍ତରାୟ, ସବିତା ପଣ୍ଡା, ସୁଧୀର କାନ୍ତ ପଣ୍ଡା, ପୀତବାସ ପାଢ଼ୀ, ଶ୍ରୀକାନ୍ତ କୁମାର ମହାନ୍ତି ଏବଂ ସମସ୍ତ କର୍ମଚାରୀ ବୃନ୍ଦ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ୧୫୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ



ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞରେ ପ୍ରବଚନ ଚାଲିଛି ।

ଭଞ୍ଜନଗର,୨୯।୯(ଡି.ଏନ.ଏ)

ଭଞ୍ଜନଗର ଜେଲ ପଡ଼ିଆରେ ଗୁରୁବାର ୧୫୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ତନରଡ଼ାସ୍ଥିତ ଶ୍ରୀବତ୍ସ ଗୋରକ୍ଷାଶ୍ରମ ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବକ୍ତାମାନେ ଆସି ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞର ଆବଶ୍ୟକତା ସମ୍ପର୍କରେ କହିଥିଲେ। ସମ୍ପାଦକ ଡ.ସୁଦର୍ଶନ ଦେବ ଆଚାର୍ଯ୍ୟ ଯଜ୍ଞ ପରିଚାଳନା କରିଥିଲେ। ନୂଆପଡ଼ା ଆଶ୍ରମରୁ ଆସିଥିବା ବ୍ରହ୍ମଚାରୀମାନେ ଭଜନ ପରିବେଷଣ କରିଥିଲେ। ଡ.ଉଷା ପାଢ଼ୀ, ଗୋପବନ୍ଧୁ ସାହୁ, ଡ.ବାଲ୍ମୀକି ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତା ୧ ତାରିଖରେ ସଂସ୍କାରକ ଶ୍ରୀବତ୍ସ ପଣ୍ଡାଙ୍କ ଜୟନ୍ତୀ ତନରଡ଼ା ଗୋରକ୍ଷାଶ୍ରମରେ ପାଳନ କରାଯିବ। ଉକ୍ତଦିନ ସେଠାରେ ମଧ ୧୫୧ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ହେବ। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ କର୍ମକର୍ତ୍ତା ଯୋଗଦେବେ ବୋଲି ଡ.ଉଷା ପାଢ଼ୀ ସୂଚନା ଦେଇଛନ୍ତି ।

# ଏନ୍‌ଏସି ୫ନଂ. ୱାର୍ଡରେ ଅମୃତ ମହୋତ୍ସବ

କାଶୀନଗର,୨୯।୯

ସ୍ୱାଧୀନତାର ଅମୃତ ମହୋତ୍ସବ ପରିପ୍ରେକ୍ଷୀରେ କାଶୀନଗର ଏନ୍‌ଏସିର ୫ନଂ. ୱାର୍ଡରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯିବା ସହ ବସ୍ତି ଅଞ୍ଚଳରେ ଥିବା ଛାତ୍ରୀଛାତ୍ର, ବାଳିକା ବାଳକମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ଥାନୀୟ ଯୁବକ ସଂଘ ସମ୍ପାଦକ ବିଜୟ କୁମାର ଓ ସଭାପତି ପି. ରାଜେଶ କୁମାରଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ ମୁଖ୍ୟଅତିଥି, କାଉନସିଲର ଚଲପତି ରାଓ ସମ୍ମାନିତ ଅତିଥି ଓ ସାମାଜିକ କର୍ମୀ ହୃଷିକେଶ ଗୌଡ଼ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏନଏସିର ସଫେଇ ସୁପରଭାଇଜର, ସିଇଓ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କର୍ଣ୍ଣମ ବିଜୟ କୁମାର ପରିଚାଳନା କରିଥିଲେ।

# ବସ୍ତି ଅଞ୍ଚଳବାସୀଙ୍କୁ ନେଇ ବୈଠକ


ଏନ୍‌ଏସି ଅଧକ୍ଷ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

ଭଞ୍ଜନଗର,୨୯।୯(ଡି.ଏନ.ଏ)

ଭଞ୍ଜନଗର ଏନ୍‌ଏସି ୧୪ନଂ. ୱାର୍ଡ ବସ୍ତି ଅଞ୍ଚଳର ଜନସାଧାରଣଙ୍କୁ ନେଇ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବସ୍ତିବାସିନ୍ଦାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏନ୍‌ଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବକର ଯୋଗଦେଇ ସରକାର ବସ୍ତିବାସିନ୍ଦାଙ୍କ ପାଇଁ ଆରମ୍ଭ କରିଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ବସ୍ତି ଅଞ୍ଚଳରେ ଅନେକ ଉନ୍ନତି ହୋଇଛି, ଆଗକୁ ଆହୁରି ଉନ୍ନତି କରିବା ପାଇଁ ଅଧକ୍ଷ ମହାପାତ୍ର ପ୍ରଚେଷ୍ଟା ଚଳାଇଛନ୍ତି ବୋଲି ନିର୍ବାହୀ ଅଧିକାରୀ କହିଥିଲେ । ଅଶୋକ ମହାପାତ୍ର ସଭା ସଂଯୋଜନା କରିଥିବା ବେଳେ ସାମାଜିକ କର୍ମୀ ଶୁଳପାଣି ଶତପଥୀ, କାଉନସିଲର ଶିବ ନାୟକ, ଉପେନ୍ଦ୍ର କୁମାର ପ୍ରଧାନ, କେ.ସଜିତ ରାଓ, ମୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପରେ ୱାର୍ଡ ନଂ ୧୦ ଏବଂ ୧୨ ନଂ. ୱାର୍ଡରେ ମଧ ଏଭଳି କାର୍ଯ୍ୟକ୍ରମ ହୋଇଛି ।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ତାଲିମ ଶିବିର

ଦାରିଙ୍ଗବାଡି,୨୯।୯(ଡି.ଏନ.ଏ)

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଦୁଇଦିନିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ସିମନବାଡି କ୍ଲଷ୍ଟରରେ ବାଡବାଙ୍ଗା, କିରିକୁଟି, ତିଲୋରୀ, ବୁଢ଼ାଗୁଡା, ଗୁମିକିଆ ଏବଂ ଶ୍ରାନିକେତା ଅଞ୍ଚଳରେ ଥିବା ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ମାନଙ୍କୁ ଶିକ୍ଷଣ ତାଲିମ ଦିଆଯାଇଥିଲା। ସେହିପରି ଦାରିଙ୍ଗବାଡି କ୍ଲଷ୍ଟରର ଦାରିଙ୍ଗବାଡି, ଗ୍ରୀନବାଡି, ପର୍ଡମାହା, ସିଆଙ୍ଗବାଲି, ଭ୍ରମରବାଡ଼ି, ଦନେକବାଡ଼ି, ସିକାବର୍ଗ, ଦାସିଙ୍ଗବାଡି, ସୋନପୁର ପଞ୍ଚାୟତ ଅଞ୍ଚଳର ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଓ ଆଦର୍ଶ ବିଦ୍ୟାଳୟ ଠାରେ ତାଲିମ ଦିଆଯାଇଥିଲା। ବାମୁଣୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବାମୁଣୀଗାଁ କ୍ଲଷ୍ଟରର ବାମୁଣୀଗାଁ, ଗଦାପୁର, ତାକୁଙ୍ଗିଆ, ହାତୀମୁଣ୍ଡା, ସରାମୁଲି, କାଟିଙ୍ଗିଆ, ଝିଞ୍ଜିରିଗୁଡା, କୁମ୍ଭାରୀଗାଁ ପଞ୍ଚାୟତ ଅଞ୍ଚଳର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ତାଲିମ ଦିଆଯାଇଛି। ତାଲିମ ଶିବିର ଶୁକ୍ରବାର ସରିବ। ୩ୟ ଶ୍ରେଣୀ ଠାରୁ ୯ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରମାନଙ୍କର ଶ୍ରେଣୀ ଅନୁସାରେ ଭାଷା, ଗଣିତ, ଇଂଲିଶ, ପରିବେଶ ଓ ବିଜ୍ଞାନ ବିଷୟଗୁଡିକର ସର୍ବନିମ୍ନ ଦକ୍ଷତା ଅଭିବୃଦ୍ଧି ଆଣିବା ଏହି ଶିବିର ମୁଖ୍ୟ ଉଦ୍ଦେଶ୍ୟ। କୋଭିଡ ସମୟରେ ଯେଉଁ ଶିକ୍ଷା ଛାତ୍ରୀଛାତ୍ର ପାଇବା ସମ୍ଭବ ହେଉନଥିଲା ୯୦ ଦିନର ଏହି ପାଠ୍ୟକ୍ରମରେ ପିଲାମାନଙ୍କୁ ତାହା ପଠାଇବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଇଛନ୍ତି।


ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକମାନେ।

# ଚକ୍ଷୁ ଚିକିତ୍ସା ଶିବିର

ଆସିକା,୨୯।୯(ଡି.ଏନ.ଏ.)

ଆସିକା ବ୍ଲକ ମୁନିଗାଡି ପଞ୍ଚାୟତ ପକ୍ଷରୁ ଗୁରୁବାର ଏକ ଚକ୍ଷୁ ଚିକିତ୍ସା ଶିବିର ମୁନିଗାଡି ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ଶିବିରକୁ ସରପଞ୍ଚ ସବିତା ସ୍ୱାଇଁ ଉଦଘାଟନ କିରଥିଲେ । ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ କୁମାର ସ୍ୱାଇଁ ଏବଂ ସମ୍ମାନିତ ଅତିଥି ଭାବେ ସେବା ସମବାୟ ସମିତି ସଭାପତି ଦୁର୍ଗା ମହାପାତ୍ର, ସମିତିସଭ୍ୟ ମାନଓ ବିଶୋୟୀ, ପୂର୍ବତନ ସମିତିସଭ୍ୟ ପଦ୍ମନାଭ ଗୌଡ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁକାନ୍ତ ନାୟକ ଓ ଜିଆରଏସ ଗୌର ବେହେରା ଯୋଗ ଦେଇଥିଲେ। ବ୍ରହ୍ମପୁରସ୍ଥିତ ଇକୋସ ଚକ୍ଷୁ ଚିକିତ୍ସାଳୟର ଚକ୍ଷୁ ବିଶେଷଜ୍ଞ ହରିଶ୍ଚନ୍ଦ୍ର ସାହୁ ଏବଂ ଜି. ବିନୋଦ ଶିବିରରେ ୧୧୫ଜଣଙ୍କ ଚକ୍ଷୁ ପରୀକ୍ଷା କରିଥିଲେ । ସେଥିମଧ୍ୟରୁ ୨୦ଜଣଙ୍କୁ ଅସ୍ତ୍ରୋପ୍ରଚାର ଲାଗି ଚିହ୍ନଟ କରାଯାଇଛି। କାହ୍ନୁ, ପ୍ରହଲ୍ଲାଦ, ନିଶାମଣି, ବାସୁ, ନାରାୟଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସାମିଲ ଥିଲେ।

# ବାଲ୍ୟ ବିବାହ ରୋକିବାକୁ ପ୍ରଶାସନର ପ୍ରୟାସ



ଧର୍ମାନୁଷ୍ଠାନରେ ଜିଲାପାଳ ସଚେତନ କରୁଛନ୍ତି।

ପାରଳାଖେମୁଣ୍ଡି,୨୯।୯(ଡି.ଏନ୍.ଏ.)

ବାଲ୍ୟବିବାହ ରୋକିବା ଲାଗି ଗଜପତି ଜିଲା ପ୍ରଶାସନ ପକ୍ଷରୁ ଅଭିନବ ପ୍ରୟାସ କରାଯାଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡା ପାରଳାଖେମୁଣ୍ଡି ସହରରେ ଥିବା ବିଭିନ୍ନ ମନ୍ଦିର, ମସ୍‌ଜିଦ ଓ ଚର୍ଚ୍ଚ ବୁଲି ସେଠାକାର ପରିଚାଳକମାନଙ୍କ ସହ ମିଶି ଧର୍ମାନୁଷ୍ଠାନରେ ବାଲ୍ୟବିବାହ ଭଳି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ନ ଦେବା ଲାଗି ସଚେତନ କରିଛନ୍ତି। ଏଥିସହ ଧର୍ମାନୁଷ୍ଠାନଗୁଡିକର କାନ୍ଥରେ ବାଲ୍ୟବିବାହ ଏକ ଅପରାଧ, ଏହାଦ୍ୱାରା ସମାଜରେ କିଭଳି କୁପ୍ରଭାବ ପଡୁଛି ତାହା ଲେଖାଯାଇଛି। ପ୍ରଶାସନର ଏଭଳି କାର୍ଯ୍ୟକୁ ସ୍ୱାଗତ କରିବା ସହ ହିନ୍ଦୁ, ମୁସଲମାନ କିମ୍ବା ଖ୍ରୀଷ୍ଟିୟାନ କୌଣସି ବି ସମ୍ପ୍ରଦାୟର ହେଉଥାନ୍ତୁ ବାଲ୍ୟ ବିବାହକୁ କାହାରିକୁ ଅନୁମତି ଦିଆଯିବନି ବୋଲି ଧର୍ମାନୁଷ୍ଠାନ କର୍ତ୍ତୃପକ୍ଷ କହିଛନ୍ତି।

# ବିଦ୍ୟାଳୟରେ ଜନ୍ମଦିନ କେକ୍ କାଟିଲେ ଛାତ୍ରୀଛାତ୍ର

ଆର.ଉଦୟଗିରି,୨୯।୯(ଡି.ଏନ.ଏ.)

ଆର୍. ଉଦୟଗିରି ବ୍ଲକ କେ.ଏମ. ଭାଲିଆ ସାହିଠାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ଛାତ୍ରୀଛାତ୍ରମାନଙ୍କ ଜନ୍ମଦିବସ ସାମୁହିକ ଭାବେ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅବାରସିଂ ପଞ୍ଚାୟତର ନାଏବ ସରପଞ୍ଚ ତଥା ଶିକ୍ଷାବିତ ଆଦିକନ୍ଦ ବଣ୍ଡୁଆରାଇ ମୁଖ୍ୟଅତିଥି, ବସ୍ତିଗୁଡା କ୍ଲଷ୍ଟରର ସିଆରସିସି ଅନାସିମ ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୬ଜଣ ଛାତ୍ରୀଛାତ୍ରଙ୍କ ଜନ୍ମଦିନ ପାଳନ କରାଯାଇଥିଲା। ସେମାନେ କେକ କାଟିବା ସହ ବିଦ୍ୟାଳୟରେ ଖୁସି ମନାଇଥିଲେ। ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଏହି ଅବସରରେ ଡ୍ରପଆଉଟ ଗରିବ ଶ୍ରେଣୀର ପିଲାମାନଙ୍କୁ ବ୍ରସ, ସାବୁନ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ହିନ୍ଦୀ ଶିକ୍ଷୟିତ୍ରୀ ରବୀନା ଦାସ ଓ ସଂସ୍କୃତ ଶିକ୍ଷକ ପ୍ରହ୍ଲାଦ ଶିଅଳଙ୍କ ଦ୍ୱାରା ବଣ୍ଟାଯାଇଥିଲା। ଉକ୍ତ ଦିବସର ଦ୍ୱିତୀୟାର୍ଦ୍ଧରେ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ଅଭିଭାବକ ଓ ଶିକ୍ଷୟତ୍ରୀ ଶିକ୍ଷକ ମାନଙ୍କ ମଧ୍ୟରେ ୫-ଟି କାର୍ଯ୍ୟକ୍ରମକୁ ଆଧାର କରି ଏକ ବୈଠକ ହୋଇଥିଲା।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଟେଲିକମ୍ ଗ୍ରାହକ ସଚେତନତା କର୍ମଶାଳା

ଫୁଲବାଣୀ ଅଫିସ, ୨୯।୯

ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଉପଭୋକ୍ତା ଓକିଲାତି ସଂଘ ବାର୍ଡ ପକ୍ଷରୁ ଗୁରୁବାର ଦିନିକିଆ ଟେଲିକମ ଗ୍ରାହକ ସଚେତନତା କର୍ମଶାଳା ଫୁଲବାଣୀ ସ୍ଥିତ ଆଇଟିଡିଏ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ସମୟରେ ୯୫ ଭାଗ ଟେଲିକମ ଗ୍ରାହକ ସେମାନଙ୍କ ଅଧିକାର ବିଷୟରେ ସଚେତନ ନୁହନ୍ତି। ଟେଲିକମ କମ୍ପାନୀଗୁଡିକ ଏଥିପାଇଁ ସୁଯୋଗ ମଧ ଦେଇ ନଥାନ୍ତି। ଗ୍ରାହକମାନେ ନେଟୱାର୍କ ସମସ୍ୟା, ଗୁଣବତ୍ତା ସେବା ପାଇବାରୁ ବଞ୍ଚିତ ଥିଲେ ବି ଦୈନିକ ଧାର୍ଯ୍ୟ ଦେୟ ମୂଲ୍ୟ ଦେବା, ଫେକ ମେସେଜ, ନ୍ୟୁନମାନର ସେବାପାଉଛନ୍ତି। କନ୍ଧମାଳ ଜିଲାର ୧୨ଟି ବ୍ଲକର ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଅପହଞ୍ଚ ଇଲାକାରେ । ସବୁଠି ନେଟୱାର୍କ ସମସ୍ୟା । ନେଟୱାର୍କ ପହଞ୍ଚାଇବା ପାଇଁ ସରକାରଙ୍କ କଡା ନିଷ୍ପତ୍ତି ଥିଲେ ବି ଟେଲିକମ କମ୍ପାନୀ ମାନେ ଅଣଦେଖା କରି ଆସୁଛନ୍ତି। ସେହିପରି ମୋବାଇଲ ସେବା ଓ ରେଡିଏସନ ବିକରଣର କୁପ୍ରଭାବରେ ଜଳବାୟୁ ଓ ଜୈବ ବିବିଧତା ପ୍ରତି ବିପଦ ମାଡିବାକୁ ବସିଲାଣି। ତାହା ଉପରେ ଗବେଷଣା କରି ପ୍ରତିକାର ପଦକ୍ଷେପ ନେବାପାଇଁ ସରକାର ଓ ଟେଲିକମ କମ୍ପାନୀମାନେ ବଚନବଦ୍ଧ ହେବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ଗୁଣାତ୍ମକ ସେବା ଦେବାରେ ଟେଲିକମ କମ୍ପାନୀ ମାନେ ଅସମର୍ଥ ବୋଲି କର୍ମଶାଳାରେ ବାର୍ଡ ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ସୂଚନା ଦେଇଥିଲେ। ସମସ୍ତ ଖାଉଟି ଅଦାଲତରେ ଖାଲିଥିବା ସଭ୍ୟାସଭ୍ୟ ପଦବୀ ପୂରଣ ଓ ଖାଉଟି ସଚେତନତା ଶିବିର କରିବା ପାଇଁ ଦାବି କରାଯାଇଥିଲା।

